**F.No.14011/4/2017-HRD**

**ଭାରତ ସରକାର**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟ (ଏମ୍‌ଇଆଇଟିୱାଇ)**

ବିଷୟ**:** ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନ ପାଇଁ ନିର୍ଦ୍ଦେଶାବଳୀ **(ପିଏମ୍‌ଜିଡିଆଇଏସ୍‌ଏଚ୍‌ଏ)**

**1.0** **ଯୋଜନାର ନାମ:** ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନ (ପିଏମ୍‌ଜିଡିଆଇଏସ୍‌ଏଚ୍‌ଏ)

**2.0** **ଡିଜିଟାଲ ସାକ୍ଷରତାର ସଂଜ୍ଞା:** "କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ, ଡିଜିଟାଲ ଜ୍ଞାନକୌଶଳକୁ ବୁଝିବା ଓ ଜୀବନର ଆବଶ୍ୟକତା ଅନୁସାରେ ତାର ସଦୁପଯୋଗ କରିବାର କ୍ଷମତାକୁ ଡିଜିଟାଲ ସାକ୍ଷରତା କୁହାଯାଏ"।

**3.0** **ଲକ୍ଷ୍ୟ:**

ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ହେଲା, ସମସ୍ତ ରାଜ୍ୟ /କେନ୍ଦ୍ରଶାସିତ ଅଞ୍ଚଳର 6 କୋଟି ଲୋକଙ୍କୁ ଡିଜିଟାଲ କ୍ଷେତ୍ରରେ ସାକ୍ଷର କରିବା, ଯାହା ପ୍ରତ୍ୟେକ ଯୋଗ୍ୟ ଗୃହରୁ ଅତି କମ୍‌ରେ ଜଣେ ସଦସ୍ୟଙ୍କୁ ମିଶାଇ ଗ୍ରାମୀଣ ଅଞ୍ଚଳର ପ୍ରାୟ 40% ଅଞ୍ଚଳକୁ ପହଞ୍ଚିବ।

ଗ୍ରାମୀଣ ଅଞ୍ଚଳରେ ଲୋକଙ୍କୁ କମ୍ପ୍ୟୁଟର କିମ୍ବା (ସ୍ମାର୍ଟ ଫୋନ, ଟାବଲେଟ୍ ଭଳି) ଡିଜିଟାଲ ଆକସେସ୍ ଉପକରଣ ବିଷୟରେ ତାଲିମ ଦେଇ ସଶକ୍ତ କରିବା, ଇ-ମେଲ୍ ପଢ଼ିବା ଓ ପଠାଇବା, ଇଣ୍ଟରନେଟ ବ୍ରାଉଜ କରିବା, ସରକାରୀ ସୁବିଧା ପର୍ଯ୍ୟନ୍ତ ପହଞ୍ଚିବା, ଆବଶ୍ୟକ ସୂଚନା ଖୋଜିବା, ଡିଜିଟାଲ ପେମେଣ୍ଟ କରିବା ଆଦି ଏହି ସ୍କିମର ଲକ୍ଷ୍ୟ। ଏହା ଲୋକଙ୍କୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ଏ ସମ୍ବନ୍ଧୀୟ ଆପ୍ଲିକେସନର ବ୍ୟବହାର, ବିଶେଷକରି ଡିଜିଟାଲ ପେମେଣ୍ଟ କରିବା ସହ ରାଷ୍ଟ୍ରଗଠନ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିବ। ଡିଜିଟାଲ ଉପକରଣର ବ୍ୟବହର ଜାଣିଥିବା ଓ ଜାଣିନଥିବା ଲୋକଙ୍କ ମଧ୍ୟରେ ଯେଉଁ ତଫାତ ରହିଛି ତାକୁ ଦୂର କରିବା ଏହି ସ୍କିମର ଉଦ୍ଦେଶ୍ୟ, ଯେଉଁଥିରେ ମୁଖ୍ୟତଃ ଗ୍ରାମୀଣ ଅଞ୍ଚଳର ଅନସୂଚିତ ଜାତି (ଏସ୍‌ସି)/ ଅନସୂଚିତ ଜନଜାତି (ଏସ୍‌ଟି), ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକେ(ବିପିଏଲ୍), ମହିଳା, ଭିନ୍ନକ୍ଷମ, ସଂଖ୍ୟାଲଘୁ ଗୋଷ୍ଠୀ ଭଳି ଅବହେଳିତ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦେବାର ଯୋଜନା ରହିଛି।

**4.0** **କାର୍ଯ୍ୟକାରୀ ସଂସ୍ଥା:**

ଏହି ସ୍କିମ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳର ସହଯୋଗରେ ସିଏସ୍‌ସି ଇ-ଗଭର୍ଣ୍ଣାନ୍ସ ସାର୍ଭିସେସ୍ ଇଣ୍ଡିଆ ଲିମିଟେଡ ଦ୍ୱାରା କାର୍ଯ୍ୟକାରୀ କରାଯିବ, ଯାହାକି କମ୍ପାନି ଆକ୍ଟ 1956ର ଅନ୍ତର୍ଭୁକ୍ତ ଏକ ସ୍ପେସାଲ ପରପଜ୍ ଭେହିକଲ (ଏସ୍‌ପିଭି) (ଏଥିରେ ସିଏସ୍‌ଇ-ଏସ୍‌ପିଭି ଭାବେ ସୂଚିତ) ।

**5.0** **ଅବଧି:**

ଏହି ସ୍କିମର ଅବଧି ମାର୍ଚ୍ଚ 31, 2019 ପର୍ଯ୍ୟନ୍ତ ରହିଛି ।

**6.0** **ଟାର୍ଗେଟରେ ଥିବା ହିତାଧିକାରୀମାନେ:**

- **ଯୋଗ୍ୟ ପରିବାର:** ଘରର ମୁଖ୍ୟ, ପତି-ପତ୍ନୀ, ଛୋଟ ପିଲା ଓ ପିତା-ମାତାଙ୍କୁ ନେଇ ଗଠିତ ଏକ ୟୁନିଟ୍‌କୁ ପରିବାର କୁହାଯାଏ। ଏପରି ସମସ୍ତ ପରିବାର ଯେଉଁଠାରେ ପରିବାରର କୌଣସି ବ୍ୟକ୍ତି ଡିଜିଟାଲଭାବରେ ସାକ୍ଷର ନୁହନ୍ତି, ସେହି ପରିବାରମାନଙ୍କୁ ଏହି ଯୋଜନା ପାଇଁ ଯୋଗ୍ୟ ବିଚାର କରାଯିବ।
    - ପ୍ରବେଶ ମାନଦଣ୍ଡ
        - i) ହିତାଧିକାରୀ ଡିଜିଟାଲ୍ ଭାବରେ ସାକ୍ଷର ହୋଇଥିବା ଆବଶ୍ୟକ।
        - ii) ପତ୍ର୍ୟେକ ଯୋଗ୍ୟ ପରିବାର ପିଛା କେବଳ ଜଣେ ବ୍ୟକ୍ତିଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ବିଚାର କରାଯିବ।
        - iii) ବୟସ ବର୍ଗ: 14-60 ବର୍ଷ
- ନିମ୍ନୋକ୍ତ ପ୍ରାର୍ଥୀମାନଙ୍କୁ ପ୍ରାଥମିକତା ଦିଆଯିବ
    - ସ୍ମାର୍ଟଫୋନର ବ୍ୟବହାର ଜାଣି ନ ଥିବା ବ୍ୟକ୍ତି, ଅନ୍ତ୍ୟୋଦୟ ପରିବାର, କଲେଜ ପାଠ ପଢ଼ା ଅଧାରୁ ଛାଡ଼ିଥିବା ଛାତ୍ର, ପ୍ରୌଢଶିକ୍ଷା ମିଶନ୍‌ରେ ଅଂଶଗ୍ରହଣକାରୀ
    - 9ରୁ 12 ଶ୍ରେଣୀ ପର୍ଯ୍ୟନ୍ତ ଡିଜିଟାଲ୍ କ୍ଷେତ୍ରରେ ନିରକ୍ଷର ଛାତ୍ର, ଯେଉଁମାନଙ୍କ ସ୍କୁଲ୍‌ରେ କମ୍ପ୍ୟୁଟର/ଆଇସିଟି ଶିକ୍ଷାର ସୁବିଧା ଉପଲବ୍ଧ ନାହିଁ।

- ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି), ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକେ(ବିପିଏଲ୍), ମହିଳା, ଭିନ୍ନକ୍ଷମ, ସଂଖ୍ୟାଲଘୁ ଗୋଷ୍ଠୀମାନଙ୍କୁ ଅଗ୍ରାଧିକାର ଦିଆଯିବ।
- ହିତାଧିକାରୀ ବ୍ୟକ୍ତିଙ୍କର ଚିହ୍ନଟ ସିଏସ୍‌ସି-ଏସ୍‌ପିଭି ଦ୍ୱାରା ଡିଇଜିଏସ୍, ଗ୍ରାମ ପଞ୍ଚାୟତ, ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କର ସକ୍ରିୟ ସହାୟତାରେ କରାଯିବ। ଏହି ହିତାଧିକାରୀଙ୍କର ତାଲିକା ସ୍କିମ୍ ପୋର୍ଟାଲ୍‌ରେ ଉପଲବ୍ଧ ରହିବ।

## 7.0 ପୃଷ୍ଠଭୂମି:

ଭାରତକୁ ଡିଜିଟାଲ୍ ଅପରେସନ୍ କ୍ଷେତ୍ରରେ ସଶକ୍ତ ସମାଜ ଓ ନଲେଜ ଇକୋନୋମିରେ ରୂପାନ୍ତରିତ କରିବାର ମହତ୍ତ୍ୱାକାଂକ୍ଷୀ ଦୃଷ୍ଟିକୋଣ ନେଇ ସରକାର ଡିଜିଟାଲ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ନାଗରିକମାନଙ୍କୁ ଇ-ଗଭର୍ନାନ୍ସର ବିଭିନ୍ନ ପଦକ୍ଷେପ ସହ ଯୋଡ଼ିବା, ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ନିଷ୍ପତ୍ତି ନେବାରେ ସର୍ବସାଧାରଣଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର  ପରିକଳ୍ପନା ହୋଇଛି, ଯାହା ପ୍ରାଶାସନିକ ଉତ୍ତରଦାୟିତ୍ୱ ବଢ଼ାଇବାରେ ସହାୟକ ହେବ। ଡିଜିଟାଲ୍ ଇଣ୍ଡିଆ କାର୍ଯ୍ୟକ୍ରମର ପୂର୍ଣ୍ଣ ସାମର୍ଥ୍ୟ ବାସ୍ତବତାରେ ପରିଣତ ହୋଇପାରିବ ଯଦି ନିଜର ସ୍ଥାନ ଓ ସାମାଜିକ ପୃଷ୍ଠଭୂମି ନିର୍ବିଶେଷରେ ପ୍ରତ୍ୟେକ ନାଗରିକ, ଡିଜିଟାଲ ସେବା/ଟେକ୍ନୋଲୋଜି ଆକସେସ୍ କରିବାର ସୁଯୋଗ ପାଇବା ସହ ଏହାକୁ ବ୍ୟବହାର କରି ନିଜର ଉଦ୍ଦେଶ୍ୟ ସାଧନ କରିପାରିବେ । ଏହି ପଦକ୍ଷେପଗୁଡ଼ିକର ସଫଳତା ପାଇଁ ଗ୍ରାମୀଣ ଭାରତ ସହିତ ଦେଶର ସମସ୍ତ ଭାଗରେ ବ୍ୟାପକ ଡିଜିଟାଲ୍ ସାକ୍ଷରତା ଏକ ଅତ୍ୟାବଶ୍ୟକ ଉପାଦାନ ଅଟେ।

ସରକାର ରାଷ୍ଟ୍ରୀୟ ଡିଜିଟାଲ୍ ସାକ୍ଷରତା ମିଶନ(ଏନ୍‌ଡିଏଲ୍‌ଏମ୍)ଓ ଡିଜିଟାଲ୍ ସାକ୍ଷରତା ଅଭିଯାନ (ଡିଆଇଏସ୍‌ଏଚ୍‌ଏ)କୁ ଡିଜିଟାଲ୍ ସାକ୍ଷରତା ପ୍ରଦାନ କରିବା ପାଇଁ ଦୁଇଟି ଯୋଜନା ଅନୁମୋଦିତ କରିଛନ୍ତି ଯାହାକୁ ସିଏସ୍‌ସି ଇ-ଗଭର୍ନାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡ୍, ଏକ ସ୍ପେସିଆଲ୍ ପର୍ପୋଜ୍ ଭେଇକିଲ୍ (ସିଏସ୍‌ସି-ଏସ୍‌ପିଭି) (1956 କମ୍ପାନୀ ଆକ୍ଟ ଦ୍ୱାରା ସ୍ଥାପିତ ଏକ ପବ୍ଲିକ୍ ଲିମିଟେଡ୍ କମ୍ପାନୀ)। ଏହି ଦୁଇଟି ଯୋଜନା ଅନୁସାରେ 52.5ଲକ୍ଷ ପ୍ରମାଣିତ ହିତାଧିକାରୀଙ୍କୁ ଡିସେମ୍ବର୍ 2016ରେ ଡିଜିଟାଲ୍ ସାକ୍ଷରତା ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଥିଲା, ଯାହା ଡିସେମ୍ବର୍ 2018ର ପ୍ରସ୍ତାବିତ ସମୟସୀମାର ବହୁ ପୂର୍ବରୁ ହାସଲ କରାଯାଇଥିଲା।

ମାନନୀୟ ଅର୍ଥମନ୍ତ୍ରୀ, 2016-2017 କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବା ସମୟରେ, ଏହା ଘୋଷଣା କରିଥିଲେ ଯେ:
"ଆମକୁ ଆମର ଜନସାଂଖ୍ୟିକୀୟ ଲାଭରୁ ଅଧିକ ଉପକୃତ ହେବାର ଆବଶ୍ୟକତା ରହିଛି। ଆମକୁ ଗ୍ରାମୀଣ ଭାରତରେ ଡିଜିଟାଲ ସାକ୍ଷରତା ପ୍ରସାର କରିବାର ଆବଶ୍ୟକତା ରହିଛି। 16.6 କୋଟି ଗ୍ରାମୀଣ ପରିବାର ମଧ୍ୟରୁ 12କୋଟି ପରିବାର ପାଖରେ କମ୍ପ୍ୟୁଟର ନାହିଁ ଓ ଡିଜିଟାଲ ସାକ୍ଷର ବ୍ୟକ୍ତି ଥିବାର ସମ୍ଭାବନା ନାହିଁ। ଆମେ ଡିଜିଟାଲ ସାକ୍ଷରତାର ପ୍ରୋତ୍ସାହନ ପାଇଁ ପୂର୍ବରୁ ଦୁଇଟି ଯୋଜନା ଅନୁମୋଦନ କରିସାରିଛୁ: ସେଗୁଡ଼ିକ ହେଲା ରାଷ୍ଟ୍ରୀୟ ଡିଜିଟାଲ୍ ସାକ୍ଷରତା ମିଶନ ଓ ଡିଜିଟାଲ୍ ସାକ୍ଷରତା ଅଭିଯାନ। ବର୍ତ୍ତମାନ ଆମକୁ ଗ୍ରାମୀଣ ଭାରତ ପାଇଁ ଆସନ୍ତା ତିନି ବର୍ଷ ପାଇଁ ମଧ୍ୟରେ 6 କୋଟି ଅତିରିକ୍ତ ପରିବାର ପାଇଁ ଏକ ନୂଆ ଡିଜିଟାଲ୍ ସାକ୍ଷରତା ମିଶନ ଯୋଜନା ଆରମ୍ଭ କରିବାର ଆବଶ୍ୟକତା ରହିଛି। ଏହି ଯୋଜନାର ବିବରଣୀ ପୃଥକ୍ ଭାବରେ ସ୍ପଷ୍ଟ କରାଯିବ"।

ମାନନୀୟ ଅର୍ଥମନ୍ତ୍ରୀଙ୍କର ଉପରେ ବର୍ଣ୍ଣିତ ବଜେଟ ସମ୍ବନ୍ଧୀୟ ଘୋଷଣା ଅନୁସାରେ ବର୍ତ୍ତମାନର ଯୋଜନାକୁ ଏକ ଫୋଲୋଅପ୍ ରୂପରେ ଡିଜାଇନ୍ କରାଯାଇଛି।

ଏକ ସଶକ୍ତ ସମାଜ ନିର୍ମାଣ କରିବାରେ ସରକାରଙ୍କ "ଡିଜିଟାଲ୍ ଇଣ୍ଡିଆ ଇନିସିଏଟିଭ୍" ପରିକଳ୍ପନା ଅଧୀନରେ ଡିଜିଟାଲ୍ ସାକ୍ଷରତା ହେଉଛି ଏକ ମୁଖ୍ୟ ଅଂଶ। ବିଶେଷ ଭାବରେ ଗ୍ରାମୀଣ ଭାରତ ପ୍ରସଙ୍ଗରେ ଡିଜିଟାଲ୍ ସାକ୍ଷରତାର ପ୍ରଭାବ ଅନେକ ସାମାଜିକ-ଆର୍ଥିକ ସମସ୍ୟାର ସମାଧାନ କରିବ। ଡିଜିଟାଲ୍ ସାକ୍ଷରତା ବିଶେଷ ଭାବରେ ସ୍ୱାସ୍ଥ୍ୟ, ଜୀବିକା ଅବଲମ୍ବନର ପନ୍ଥା ଉତ୍ପନ୍ନ କରିବା ଓ ଶିକ୍ଷା କ୍ଷେତ୍ରରେ ଗ୍ରାମୀଣ ଲୋକଙ୍କର ଦୈନନ୍ଦିନ ଜୀବନରେ ଆଇସିଟିର ଲାଭ ଆଣିଦେବ।
ଏହା ବ୍ୟତୀତ, ମୋବାଇଲ୍ ଫୋନ୍ ମାଧ୍ୟମରେ କ୍ୟାସଲେସ୍ ଟ୍ରାନ୍‌ଜାକ୍ସନ୍‌କୁ ପ୍ରୋତ୍ସାହିତ କରିବା ଉପରେ ସରକାର ଗୁରୁତ୍ୱ ଦେଉଥିବାରୁ, ଏହି ପାଠ୍ୟକ୍ରମ ସୂଚୀ ଇଲେକ୍ଟ୍ରୋନିକ୍ ପେମେଣ୍ଟ୍ ସିଷ୍ଟମ୍ ପାଇଁ ଡିଜିଟାଲ୍ ଫାଇନାନ୍ସିଆଲ୍ ଟୁଲ୍ସର ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ଦେବ।

## 8.0 ଯୋଜନା ପରିସର

ଏହି ଯୋଜନା କେବଳ ଦେଶର ଗ୍ରାମାଞ୍ଚଳ ପାଇଁ ଉଦ୍ଦିଷ୍ଟ। ଏହି ଯୋଜନାକୁ ଦେଶରେ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ, ଆନୁପାତିକ ଭାବେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ରହୁଥିବା ଗ୍ରାମୀଣ ପରିବାରକୁ ଟାର୍ଗେଟ କରାଯାଇଛି, ଯାହାର ବିବରଣୀ **APPENDIX-I**ରେ ଦିଆଯାଇଛି। ପ୍ରତି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଯେଉଁ ଟାର୍ଗେଟ ଦିଆଯାଇଛି ତାହା କେବଳ ସାଂକେତିକ, ପ୍ରଦର୍ଶନ ଆଧାରରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ପାଇଁ ଏହି ଟାର୍ଗେଟ ବଢ଼ାଯାଇପାରିବ। ସହର ପରିସରର ଅଂଶଥିବା ପଞ୍ଚାୟତଗୁଡ଼ିକୁ ଏହି ଯୋଜନାରୁ ବାଦ ଦିଆଯିବ। ଏହି ବାଦ ଦିଆଯାଇଥିବା ପଞ୍ଚାୟତଗୁଡ଼ିକୁ ବିଭିନ୍ନ ସଂସ୍ଥା ଓ କମ୍ପାନିର ସିଏସ୍ଆର୍ କାର୍ଯ୍ୟକଳାପ ଅନ୍ତର୍ଗତ ତାଲିମ ଦିଆଯିବାର ଆଶା କରାଯାଉଛି।

ସାରା ଦେଶରେ ନ୍ୟାୟସଂଗତ ଭୌଗୋଳିକ କଭରେଜ ସୁନିଶ୍ଚିତ କରିବା ପାଇଁ, ସମସ୍ତ ଅଢ଼େଇ ଲକ୍ଷ ଗ୍ରାମ ପଞ୍ଚାୟତର ନିରୀକ୍ଷଣ ଲକ୍ଷ୍ୟ ନେଇ ପଞ୍ଚାୟତ କେନ୍ଦ୍ରିତ କାର୍ଯ୍ୟଧାରା ଗ୍ରହଣ କରାଯିବ। ପ୍ରତି ପଞ୍ଚାୟତରୁ ହାରାହାରି 200ରୁ 300 ହିତାଧିକାରୀଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାର ଆକାର, ଜନସଂଖ୍ୟା, ସ୍ଥାନୀୟ ଆବଶ୍ୟକତା ଆଦିକୁ ଦୃଷ୍ଟିରେ ରଖି ପଞ୍ଚାୟତ ପାଇଁ ପ୍ରକୃତ ଟାର୍ଗେଟ କେତେ ହେବା ଉଚିତ ତାହା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧକ୍ଷତାରେ ଥିବା ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ସୋସାଇଟି (ଡିଇଜିଏସ୍) ଏହି ନିଷ୍ପତ୍ତି ନେବ। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଅଧୀନରେ ପୂରା ଗାଁକୁ ଡିଜିଟାଲ୍ ଦୃଷ୍ଟିରୁ ସାକ୍ଷର କରିବାକୁ ପ୍ରୟାସ କରାଯିବ।

## 9.0 ବ୍ୟାପକ କାର୍ଯ୍ୟନ୍ୱୟନ ଢାଞ୍ଚା

ଏମ୍ଇଆଇଟିୱାଇ ଉପଯୁକ୍ତ ପଲିସି ସହାୟତା ଯୋଗାଇବ ଏବଂ କେନ୍ଦ୍ରୀୟସ୍ତରରେ ଯୋଜନାର ପ୍ରଗତିର ନିରୀକ୍ଷଣ କରିବ। ଯୋଜନାକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ **ସିଏସ୍ସି-ଏସ୍ପିଭି** ସଂପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପ୍ରଶାସନର ସକ୍ରିୟ ସହାୟତାରେ କାମ କରିବ। ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ / ଜିଲ୍ଲାପାଳଙ୍କ ଅଧୀନରେ ଜିଲ୍ଲା ଇ ଗଭର୍ଣ୍ଣାନ୍ସ ସୋସାଇଟି (ଡିଇଜିଏସ୍) **ପିଏମଜିଡିଆଇଏସ୍ଏଚ୍ଏ** ଯୋଜନାର ପୂର୍ଣ୍ଣ କାର୍ଯ୍ୟକାରିତା ଓ ନିରୀକ୍ଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ତୃଣମୂଳ ସ୍ତରରେ ଯୋଜନାର କାର୍ଯ୍ୟକାରିତା **ସିଏସ୍ସି-ଏସ୍ପିଭି** ଦ୍ୱାରା ଅନୁମୋଦିତ ସିଏସ୍ସିଗୁଡ଼ିକ ସହ ବିଭିନ୍ନ ସେଣ୍ଟର/ ଟ୍ରେନିଂ ପାର୍ଟନରଙ୍କ ମାଧ୍ୟମରେ କରାଯିବ। ଆଗାମୀ ଭାଗରେ କାର୍ଯ୍ୟାନ୍ୱୟନ ଢାଞ୍ଚାର ପ୍ରମୁଖ ବିଶେଷତ୍ୱ ଉପସ୍ଥାପନ କରାଯାଇଛି।

**9.1** **ଏନ୍ଡିଏଲ୍ଏମ/ଡିଆଇଏସ୍ଏଚ୍ଏ** ଯୋଜନା ଭଳି ଏହି ଯୋଜନା ମଧ୍ୟ ଅନୁବନ୍ଧିତ ଟ୍ରେନିଂ ପାର୍ଟନର/ଟ୍ରେନିଂ ସେଣ୍ଟରକୁ ବ୍ୟବହାର କରି କାର୍ଯ୍ୟକାରୀ କରାଯିବ। ସାରାଦେଶରେ ଟ୍ରେନିଂ ପାର୍ଟନର ସଂଖ୍ୟା ପ୍ରାୟ 2500 ଏବଂ ଟ୍ରେନିଂ ସେଣ୍ଟର (ସିଏସ୍ସି ଗୁଡ଼ିକୁ ମିଶାଇ) ପାଖାପାଖି 2.5 ଲକ୍ଷକୁ ବଢ଼ାଯିବାକୁ ଉଦ୍ୟମ କରାଯିବ। ତଦନୁସାରେ ଡିଜିଟାଲ ସାକ୍ଷରତା ଅଭିଯାନର ତାଲିମ କାମ ଅନୁମୋଦିତ ମାନଦଣ୍ଡ ଅନୁସାରେ **ସିଏସ୍ସି-ଏସ୍ପିଭି** ସହ ଅନୁବନ୍ଧିତ ବିଭିନ୍ନ ଟ୍ରେନିଂ ପାର୍ଟନର /କେନ୍ଦ୍ରଗୁଡ଼ିକ କରିବେ। ଏଥିରେ ସିଏସ୍ସିଗୁଡ଼ିକ, ଏନ୍ଆଇଇଏଲ୍ଟି କେନ୍ଦ୍ର / ମାନ୍ୟତାପ୍ରାପ୍ତ କେନ୍ଦ୍ର, ପୌଢ଼ଶିକ୍ଷା କେନ୍ଦ୍ର / ଏମ୍ଏଚ୍ଆରଡି ଅଧିନରେ ଆଇସିଟି@ସ୍କୁଲ ଯୋଜନା ଲାଗୁ କରୁଥିବା ବିଦ୍ୟାଳୟଗୁଡ଼ିକ, ଇଗ୍ନୋ କେନ୍ଦ୍ରଗୁଡ଼ିକ, ସୂଚନା ଓ ପ୍ରଯୁକ୍ତି ସାକ୍ଷାରତା ଅଭିଯାନରେ ସାମିଲ ସ୍ୱେଚ୍ଛାସେବୀ ସଂସ୍ଥା, ଗ୍ରାମୀଣ ଆତ୍ମ ରୋଜଗାର ତାଲିମ ଅନୁଷ୍ଠାନ, ଶିଳ୍ପ ପାର୍ଟନର, ସିଏସ୍ଆର ବ୍ୟବସ୍ଥା ଥିବା କମ୍ପାନିଗୁଡ଼ିକ ସାମିଲ ହେବେ।

**9.2** ଟ୍ରେନିଂ ପାର୍ଟନର/ଟ୍ରେନିଂ କେନ୍ଦ୍ରଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କାମ ଓ ଟାର୍ଗେଟ ଦିଆଯିବ ଯାହାକି ମୁଖ୍ୟତଃ ସେହି ରାଜ୍ୟ ଭିତରେ ସୀମିତ ରହିବ। **ସିଏସ୍ସି-ଏସ୍ପିଭି** ଦ୍ୱାରା ନିର୍ଦ୍ଧାରିତ ଅଧିସ୍ୱୀକୃତ ମାନଦଣ୍ଡ ଅନୁସାରେ ପ୍ରଶିକ୍ଷଣ ପରିଚାଳନା ପାଇଁ ଟ୍ରେନିଂ ପାର୍ଟନର/ଟ୍ରେନିଂ କେନ୍ଦ୍ରଗୁଡ଼ିକରେ ମୌଳିକ ସୁବିଧା ରହିବା ଆବଶ୍ୟକ।

## 9.3 ଟ୍ରେନିଂ ପାର୍ଟନର:

**ସିଏସ୍ସି-ଏସ୍ପିଭି** ସହିତ ଟ୍ରେନିଂ ପାର୍ଟନର ରୂପରେ ନିର୍ଦ୍ଧାରିତ ମାନଦଣ୍ଡଗୁଡ଼ିକୁ ପୂରଣ କରିବା ପାଇଁ ଏହି ଯୋଜନାରେ ଏନଜିଓ/ଅନୁଷ୍ଠାନ/କର୍ପୋରେଟ ପରି ସଂସ୍ଥାଗୁଡ଼ିକୁ ଡିଜିଟାଲ ସାକ୍ଷରତା ପ୍ରଦାନ କରିବାର ଇଚ୍ଛା ଥିବା ସଂସ୍ଥାଗୁଡ଼ିକୁ ଅନୁବନ୍ଧିତ କରିବାର ପରିକଳ୍ପନା କରାଯାଇଛି। ସାଂକେତିକ ମାନଦଣ୍ଡ ନିମ୍ନରେ ଦିଆଯାଇଛି:

- ଏକ ଟ୍ରେନିଂ ପାର୍ଟନର ନିଶ୍ଚିତ ଭାବରେ ଭାରତର ଏକ ପଞ୍ଜୀକୃତ ଅନୁଷ୍ଠାନ ହୋଇଥିବା ଉଚିତ, ତିନି ବର୍ଷରୁ ଅଧିକ ସମୟ ପାଇଁ ଶିକ୍ଷା/ଆଇଟି ସାକ୍ଷରତା କ୍ଷେତ୍ରରେ ବ୍ୟବସାୟ ପରିଚାଳନା କରିବା ଓ ପର୍ମାନେଣ୍ଟ ଟ୍ୟାକ୍ସ ଆକାଉଣ୍ଟ ନମ୍ବର(ପିଏନ୍)ଓ ଅତି କମ୍‌ରେ ଗତ ତିନି ବର୍ଷ ପାଇଁ ଆକାଉଣ୍ଟ ଷ୍ଟେଟମେଣ୍ଟ ରହିଥିବ।

- ଅନୁଷ୍ଠାନ/ସଂଗଠନଗୁଡିକ ଭାରତ ସରକାରଙ୍କ ନିୟମ ଅନୁସାରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ, ଉଦାହରଣସ୍ୱରୂପ, ଯଦି କମ୍ପାନୀ ତେବେ ଏହା କମ୍ପାନୀ ରେଜିଷ୍ଟ୍ରାରଙ୍କ ସହ ପଞ୍ଜୀକୃତ ହେବ, ଯଦି ସୋସାଇଟି ତେବେ ଏହା ସୋସାଇଟି ରେଜିଷ୍ଟ୍ରାରଙ୍କ ସହ ପଞ୍ଜୀକୃତ ହେବ ଓ ଆଗକୁ ମଧ୍ୟ ଏପରି ଜାରି ରହିବ।
- ପାର୍ଟନର୍ ନିଶ୍ଚିତ ଭାବରେ ସ୍ପଷ୍ଟ ରୂପରେ ଲକ୍ଷ୍ୟ ବର୍ଣ୍ଣନା କରିବା ଉଚିତ, ଭଲଭାବରେ ଲିପିବଦ୍ଧ ଶିକ୍ଷା/ଆଇଟି ସାକ୍ଷରତା ଟ୍ରେନିଂର ସମସ୍ତ ପ୍ରକ୍ରିୟା ଓ ପଦ୍ଧତିର ବ୍ୟାପକ ପରିସର କଭର୍ କରିବା ଉଚିତ।

### 9.3.1 ଟ୍ରେନିଂ ପାର୍ଟନରଙ୍କର ଭୂମିକା

- ଚିହ୍ନଟ କରାଯାଇଥିବା ଜିଲ୍ଲା/ବ୍ଲକ୍/ଗ୍ରାମ ପଞ୍ଚାୟତରେ ପ୍ରାର୍ଥୀଙ୍କୁ ଡିଜିଟାଲ ସାକ୍ଷରତା ଟ୍ରେନିଂ ପ୍ରଦାନ କରିବା ପାଇଁ ଟ୍ରେନିଂ ସେଣ୍ଟର ନିର୍ମାଣ କିମ୍ବା ସ୍ଥାପନ କରିବା ଦାୟିତ୍ୱ ଟ୍ରେନିଂ ପାର୍ଟନରଙ୍କର ହେବ ।
- ଯୋଜନାର ଆବଶ୍ୟକତା ଅନୁସାରେ ଟ୍ରେନିଂ ସେଣ୍ଟର ନିୟମ ପାଳନ କରିବା ପାଇଁ ଟ୍ରେନିଂ ପାର୍ଟନର ଉତ୍ତରଦାୟୀ ରହିବେ।
- ଟ୍ରେନିଂ ପାର୍ଟନର ନିଜ ପରିସର ଭିତରେ ଥିବା ସେଣ୍ଟରଗୁଡିକର ସମସ୍ତ କାର୍ଯ୍ୟର ଯାଞ୍ଚ ପାଇଁ ଉତ୍ତରଦାୟୀ ରହିବେ।
- ଟ୍ରେନିଂ ପାର୍ଟନର ନିଜର ସେଣ୍ଟରଗୁଡିକରେ ପୂର୍ବରୁ ଉଲ୍ଲିଖିତ କାର୍ଯ୍ୟର ରିପୋର୍ଟିଂ ସଠିକ୍ ଭାବରେ ଓ ଠିକ୍ ସମୟରେ କରିବା ପାଇଁ ଦାୟୀ ରହିବେ।
- ଟ୍ରେନିଂ ପାର୍ଟନର ପାଇଁ ସବିଶେଷ ମାନଦଣ୍ଡ ସିଏସ୍‌ସି-ଏସ୍‌ପିଭି ଦ୍ୱାରା ପ୍ରକାଶିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର୍ (ଏସ୍‌ଓପି) ଅନୁସାରେ ହେବ।

### 9.4 ଟ୍ରେନିଂ ସେଣ୍ଟର

ବଛାଯାଇଥିବା ଗ୍ରାମ ପଞ୍ଚାୟତରେ ଆବଶ୍ୟକ ମାନବ ସମ୍ବଳ ଓ ଆବଶ୍ୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ସହିତ ଟ୍ରେନିଂ ପାର୍ଟନର ଟ୍ରେନିଂ ସେଣ୍ଟର ସ୍ଥାପନ କରିବେ। ସେମାନଙ୍କୁ ନିମ୍ନ ମାନଦଣ୍ଡ ଆବଶ୍ୟକତା ପୂରଣ କରିବାକୁ ପଡିବ:

- ଶିକ୍ଷା/ଆଇଟି ସାକ୍ଷରତା କ୍ଷେତ୍ରରେ ପ୍ରମାଣିତ ଟ୍ରେନିଂ ଓ ସୁବିଧାସୁଯୋଗ ଥିବା ପରିଚୟପତ୍ର ସହିତ ଏକ ଟ୍ରେନିଂ ସେଣ୍ଟର ନିଶ୍ଚିତ ଭାବରେ ଭାରତର ଏକ ମାନ୍ୟତାପ୍ରାପ୍ତ ଅନୁଷ୍ଠାନର ଅଂଶ ହୋଇଥିବା ଉଚିତ।
- ଟ୍ରେନିଂ ସେଣ୍ଟର ଦ୍ୱାରା ସମସ୍ତ ଦସ୍ତାବିଜ ପ୍ରସ୍ତୁତି ସଂପୂର୍ଣ୍ଣ ହେବା ପରେ, ସିଏସ୍‌ସି-ଏସ୍‌ପିଭି ଦ୍ୱାରା ଗଠିତ ଯାଞ୍ଚ କମିଟି ଟ୍ରେନିଂ ସେଣ୍ଟରର ପରିଦର୍ଶନ କରିବେ ଓ ଯାଞ୍ଚ କମିଟିର ସନ୍ତୋଷଜନକ ରିପୋର୍ଟ ମିଳିଲେ ଏହାକୁ ମାନ୍ୟତା ପ୍ରଦାନ କରାଯିବ।
- ଟ୍ରନିଂ ପାର୍ଟନର ପାଇଁ ସବିଶେଷ ମାନଦଣ୍ଡ ସିଏସ୍‌ସି-ଏସ୍‌ପିଭି ଦ୍ୱାରା ପ୍ରକାଶିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର୍ (ଏସ୍‌ଓପି) ଅନୁସାରେ ହେବ।

ସିଏସ୍‌ସି-ଏସ୍‌ପିଭି ସହିତ କାର୍ଯ୍ୟ କରୁଥିବା ସମସ୍ତ ସିଏସ୍‌ସିଗୁଡିକୁ ଟ୍ରେନିଂ ସେଣ୍ଟରର ମାନ୍ୟତା ଦିଆଯିବ ଓ ସିଏସ୍‌ସିରେ ମଧ୍ୟ ଟ୍ରେନିଂ ସେଣ୍ଟର ଭଳି ସମାନ ମାନଦଣ୍ଡ ଓ ନିର୍ଦ୍ଦେଶାବଳୀ ଲାଗୁ ହେବ।

### 9.4.1 ଟ୍ରେନିଂ ସେଣ୍ଟରଗୁଡ଼ିକର ଭୂମିକା: ଟ୍ରେନିଂ ସେଣ୍ଟରଗୁଡ଼ିକ ନିମ୍ନଲିଖିତ କାମଗୁଡ଼ିକ ପାଇଁ ଦାୟୀ ରହିବେ:

- ପାଠ୍ୟକ୍ରମ ପାଇଁ ପ୍ରାର୍ଥୀଙ୍କ ନାମ ତାଲିକାଭୁକ୍ତ କରିବା।
- ପ୍ରାର୍ଥୀଙ୍କୁ ଉଚିତ ପ୍ରଶିକ୍ଷଣ ଦେବା।
- ଅନଲାଇନ୍ ମନିଟରିଂ ଆପ୍ଲିକେସନ-କମ୍-ମ୍ୟାନେଜମେଣ୍ଟ ସିଷ୍ଟମର ବ୍ୟବହାର କରି ଉପସ୍ଥିତି ଚିହ୍ନଟ କରିବା ଏବଂ ଓ ନିରନ୍ତର ମୂଲ୍ୟାଙ୍କନ କରିବା।
- ପାଠ୍ୟକ୍ରମରେ ନାମାଙ୍କିତ ସମସ୍ତ ଛାତ୍ରଙ୍କ ରେକର୍ଡ ରଖିବା, ତାଙ୍କର ଉପସ୍ଥିତିକୁ ପ୍ରମାଣିତ କରିବା ଏବଂ ପ୍ରାର୍ଥୀମାନେ ଅନ୍‌ଲାଇନ ପରୀକ୍ଷା ଦେଉଛନ୍ତି ବୋଲି ସୁନିଶ୍ଚିତ କରିବା।
- ଟ୍ରେନିଂ ଶେଷ ହେବା ପରେ ଅତି କମ୍‌ରେ ଦୁଇ ବର୍ଷ ପର୍ଯ୍ୟନ୍ତ ଟ୍ରେନିଂ ସେଣ୍ଟର ସମସ୍ତ ପ୍ରକାର ସାହାଯ୍ୟ ଓ ସହାୟତା ଯୋଗାଇଦେବେ।
- ପ୍ରତ୍ୟେକ ପ୍ରାର୍ଥୀ ଶିକ୍ଷାରୁ କିଛି ଫଳାଫଳ ହାସଲ କରୁଥିବା ସୁନିଶ୍ଚିତ କରିବା ।

**9.5** ମୋବାଇଲ ଫୋନ୍ ଦ୍ୱାରା ସୂଚୀର ଡେଲିଭରୀ ଏକ ସପ୍ଲିମେଣ୍ଟାରୀ ସୁବିଧା ରୂପରେ ପ୍ରସ୍ତାବିତ କରାଯାଇଛି ଯାହାକୁ ଅଧିକ ସଂଖ୍ୟାରେ ନିଓ-ଆଇଟି ସାକ୍ଷରମାନେ ଫିଜିକାଲ୍ ଟ୍ରେନିଂ ମାଧ୍ୟମରେ ଶିଖିଥିବା ବିଷୟକୁ ରିଫ୍ରେସ୍ କରି ଏହାର ପ୍ରୟୋଗ କରିପାରିବେ।

**9.6** ପ୍ରତ୍ୟେକ ହିତାଧିକାରୀଙ୍କୁ ସ୍ପଷ୍ଟ ରୂପରେ ଚିହ୍ନିବା ପାଇଁ ଓ ନକଲଜନିତ ଅସୁବିଧା ଏଡ଼ାଇବା ପାଇଁ ଆଧାର ନମ୍ବରର ବ୍ୟବହାର କରାଯିବ।

**9.7** ସ୍ୱଚ୍ଛତା ବଜାୟ ରଖିବା ପାଇଁ ପାର୍ଟନର/ସେଣ୍ଟରଗୁଡ଼ିକ ଦ୍ୱାରା ଟ୍ରେନିଂ କାର୍ଯ୍ୟକ୍ରମର ରିପୋର୍ଟିଂ/ମନିଟରିଂ ପାଇଁ ସିଏସ୍‌ସି-ଏସ୍‌ପିଭି ଦ୍ୱାରା ଉପଯୁକ୍ତ ରିପୋର୍ଟିଂ ମେକାନିଜିମ ରଖାଯିବ।

**9.8** ଟ୍ରେନିଂ ପାର୍ଟନର/ସେଣ୍ଟରରେ ନିଜର ଟ୍ରେନିଂ ସେଣ୍ଟରରେ ଚୟନ କରାଯାଇଥିବା ହିତାଧିକାରୀଙ୍କୁ ପ୍ରୋତ୍ସାହିତ କରିବେ ଓ ସେମାନଙ୍କୁ ଏହି ପ୍ରସଙ୍ଗରେ ନିର୍ଦ୍ଧାରିତ ହୋଇଥିବା ମାନଦଣ୍ଡ ଅନୁସାରେ ଟ୍ରେନିଂକୁ ସଫଳତାପୂର୍ବକ ସମାପ୍ତ କରିବା ପାଇଁ ପ୍ରୋତ୍ସାହନ କରିବେ।

**9.9** ସଫଳତାପୂର୍ବକ ଟ୍ରେନିଂ ସମାପ୍ତ ହେବା ପରେ, ଟ୍ରେନିଂ ପାର୍ଟନର/ସେଣ୍ଟରଗୁଡ଼ିକ ସମୟ ସମୟରେ ଓ ସିଏସ୍‌ସି-ଏସ୍‌ପିଭି ରେ ପ୍ରଶିକ୍ଷିତ ବ୍ୟକ୍ତିଙ୍କ ବିବରଣୀର ରିପୋର୍ଟିଂ କରିବେ।

**9.10** ଏକ ମାନ୍ୟତାପ୍ରାପ୍ତ ପ୍ରମାଣପତ୍ର ପ୍ରଦାନକାରୀ ସଂସ୍ଥା ଦ୍ୱାରା ପ୍ରଶିକ୍ଷିତ ପ୍ରାର୍ଥୀଙ୍କୁ ଏକ ଅନଲାଇନ୍ ପରୀକ୍ଷା ଦେବାକୁ ହେବ (ଟ୍ରେନିଂ ସମାପ୍ତ ହେବାର ତୁରନ୍ତ ପରେ)। ପ୍ରାର୍ଥୀମାନଙ୍କର ସଫଳ ପ୍ରମାଣିକରଣ ପରେ ଟ୍ରେନିଂ ସଂସ୍ଥାମାନେ ଟ୍ରେନିଂ ପାଇଁ କରିଥିବା ଖର୍ଚ୍ଚ ସିଏସ୍‌ସି-ଏସ୍‌ପିଭି ଦ୍ୱାରା ଜାରି କରାଯିବ, ତେବେ ଏହା ସର୍ତ୍ତ ଅନୁଯାୟୀ ନିର୍ଦ୍ଧାରିତ ଫଳାଫଳ ମିଳିବା ଉପରେ ନିର୍ଭର କରେ।

**9.11** ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଲେକ୍ଟ୍ରୋନିକ୍ସ ଏବଂ ଇନଫର୍ମେସନ ଟେକ୍ନୋଲୋଜି(ଏନ୍‌ଆଇଏଲ୍‌ଆଇଟି), ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓପନ୍ ସ୍କୁଲିଂ(ଏନ୍‌ଆଇଓଏସ୍), ତାମିଲନାଡୁର ଆଇସିଟି ଏକାଡେମୀ(ଆଇସିଟିଏସିଟି), ହରିଆଣା ନଲେଜ୍ କର୍ପୋରେସନ୍ ଲିମିଟେଡ୍(ଏଚ୍‌କେସିଏଲ୍), ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ଏଣ୍ଟ୍ରୋପ୍ରିନରସିପ ଏବଂ ସ୍ମଲ୍ ବିଜନେସ୍ ଡେଭଲପମେଣ୍ଟ(ଏନ୍‌ଆଇଇଏସବିୟୁଡି) ଭଳି ରାଷ୍ଟ୍ରୀୟ ସ୍ତରରେ ମାନ୍ୟତାପ୍ରାପ୍ତ ସଂସ୍ଥା ଦ୍ୱାରା ଶୃଙ୍ଖଳାର ସହିତ ଅନ୍‌ଲାଇନ ପରୀକ୍ଷା ଜରିଆରେ ପ୍ରଶିକ୍ଷିତ ହିତାଧିକାରୀଙ୍କ ପ୍ରମାଣିକରଣ କରାଯିବ। ଅନ୍‌ଲାଇନ ଆକଳନ କରିବାରେ ସମାନ ଅନୁଭବ ରଖୁଥିବା ଅନ୍ୟ ସଂସ୍ଥାଗୁଡ଼ିକୁ ନିର୍ଦ୍ଧାରିତ ମାନଦଣ୍ଡ ଆଧାରରେ ତାଲିକାଭୁକ୍ତ କରାଯିବ। ପ୍ରମାଣିକରଣ ପ୍ରକ୍ରିୟାକୁ ସହଜ କରିବା ପାଇଁ ପ୍ରତ୍ୟେକ ରାଜ୍ୟରେ ଅତି କମ୍‌ରେ ଗୋଟିଏ ପ୍ରମାଣପତ୍ର ପ୍ରଦାନକାରୀ ସଂସ୍ଥା ଗଠନ କରିବା ପାଇଁ ଚେଷ୍ଟା କରାଯିବ।

**9.12 ଉଦ୍ୟୋଗ, ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ଅନ୍ୟମାନଙ୍କ ସହ ବିଭିନ୍ନ ଆଇଟି ସାକ୍ଷରତା ଅଭିଯାନର ଏକୀକରଣ:**

ଡିଜିଟାଲ ସାକ୍ଷରତାକୁ ବ୍ୟାପକ କରିବା ପାଇଁ ଉଦ୍ୟୋଗ, ସ୍ୱେଚ୍ଛାସେବୀ ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଦେଶରେ ଚାଲୁଥିବା ଏକାଭଳି ପ୍ରୟାସକୁ ଏହି ଯୋଜନା ଅଧିନରେ ଏକୀକୃତ କରାଯିବ ଏବଂ ଏଥିପାଇଁ ଆବଶ୍ୟକ ସମନ୍ୱୟ **ସିଏସ୍‌ସି-ଏସ୍‌ପିଭି** ଦ୍ୱାରା କରାଯିବ। **ସିଏସ୍‌ସି-ଏସ୍‌ପିଭି** ସମନ୍ୱୟ କରିବା ସହ ବିଭିନ୍ନ ସହଯୋଗୀଙ୍କ ମଧ୍ୟରେ ଆବଶ୍ୟକ ଏକାଭିମୁଖତା ଆଣିବାରେ ସହଯୋଗ କରିବ। ଯେଉଁ ପ୍ରାର୍ଥୀମାନେ ବିଭିନ୍ନ ସହଯୋଗୀ ସଂସ୍ଥା, ଉଦ୍ୟୋଗ, ସ୍ୱେଚ୍ଛାସେବୀ ସଂସ୍ଥା ଆଦି ଦ୍ୱାରା ତାଲିମପ୍ରାପ୍ତ, ସେମାନଙ୍କୁ ମଧ୍ୟ ମାନ୍ୟତାପ୍ରାପ୍ତ ସଂସ୍ଥା ଦ୍ୱାରା ଡିଜିଟାଲ ସାକ୍ଷରତା ପ୍ରମାଣପତ୍ର ଦେବା ପାଇଁ ବିଚାର କରାଯିବ। ଏଭଳି ପ୍ରାର୍ଥୀଙ୍କୁ ଏହି ସଂସ୍ଥାଗୁଡ଼ିକ ନିଜସ୍ୱ ସମ୍ବଳ/କର୍ପୋରେଟ ସୋସିଆଲ୍ ରେସ୍ପନ୍‌ସିବିଲିଟି (ସିଏସ୍‌ଆର୍) ଫଣ୍ଡ ବ୍ୟବହାର କରି ତାମିଲ ଦେବେ । ଏହି ଉପାୟରେ ତାଲିମପ୍ରାପ୍ତ ପ୍ରାର୍ଥୀମାନେ ମାନ୍ୟତାପ୍ରାପ୍ତ ସଂସ୍ଥା ଦ୍ୱାରା କରାଯାଉଥିବା ପ୍ରମାଣପତ୍ର ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ ଓ ଏଥିପାଇଁ ଆବେଦନକ ଫି ସଂପୃକ୍ତ ସଂସ୍ଥାଗୁଡ଼ିକ ବହନ କରିବେ।

**9.13 ବିଭିନ୍ନ ଏଜେନ୍ସୀଗୁଡିକର ଭୂମିକା ଓ ଦାୟିତ୍ୱ:**

**9.13.1 ଏମ୍‌ଇଆଇଟିୱାଇ:**

i. ଯୋଜନାରେ ପଲିସିସ୍ତରୀୟ ହସ୍ତକ୍ଷେପ ସଂପର୍କିତ ନିଷ୍ପତ୍ତି ପାଇଁ ଏମ୍‌ଇଆଇଟିୱାଇ ସେକ୍ରେଟେରୀଙ୍କ ଅଧ୍ୟକ୍ଷତାରେ କ୍ଷମତାସଂପନ୍ନ କମିଟି ଗଠନ କରାଯାଇଛି ।

ii. ଜେଏସ୍ (ଏଚ୍‌ଆର୍), ଏମ୍‌ଇଆଇଟିୱାଇ ଅଧ୍ୟକ୍ଷତାରେ ଏମ୍‌ଇଆଇଟିୱାଇ ଦ୍ୱାରା ଗଠିତ **ପ୍ରୋଜେକ୍ଟ ରିଭ୍ୟୁ ଓ ଷ୍ଟିଅରିଂ ଗ୍ରୁପ (ପିଆର୍‌ଏସ୍‌ଜି)**, ଯୋଜନାର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟକାରିତା ଓ ଅନୁମୋଦିତ ପାଣ୍ଠି ପ୍ରଦାନ କରିବା ସୁନିଶ୍ଚିତ କରିବ।

iii. **ପିଆର୍‌ଜିଏସ୍‌**ର ସୁପାରିଶ, ଏବଂ/କିମ୍ବା ଏମ୍‌ଇଆଇଟିୱାଇ ଦ୍ୱାରା ସମୀକ୍ଷା ଏବଂ ଅନୁମୋଦନ ଆଧାରରେ କାର୍ଯ୍ୟକାରୀ ସଂସ୍ଥାକୁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବ।

iv. ଯୋଜନାର ଅଗ୍ରଗତି, ସଂପୃକ୍ତ ସରକାରୀ ବିଭାଗ/ସଂସ୍ଥା/ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ସଂପର୍କିତ ପ୍ରସଙ୍ଗଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ମାର୍ଗଦର୍ଶନ ଯୋଗାଇଦେବ ।

v. ଯୋଜନା ସଂପର୍କିତ ଅନ୍ୟ କୌଣସି ପ୍ରସଙ୍ଗ ଓ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବ ।

## 9.13.2 ପ୍ରୋଗ୍ରାମ ମ୍ୟାନେଜମେଣ୍ଟ ୟୁନିଟ୍ (ପିଏମୟୁ):

ପିଏମଜିଦିଶା ସ୍କିମ୍ କାର୍ଯ୍ୟକାରୀ କରିବାକୁ ହେଲେ ସିଏସସି ଇ-ଗଭର୍ଣ୍ଣାନ୍ସ ସର୍ଭିସ୍ ଇଣ୍ଡିଆ ଲିମିଟେଡ୍(ସିଏସସି-ଏସପିଭି) ଅଧୀନରେ ଏକ ପ୍ରୋଗ୍ରାମ ମ୍ୟାନେଜମେଣ୍ଟ ୟୁନିଟ୍ ସ୍ଥାପନା କରିବାକୁ ପଡିବ। ସ୍କିମ୍ କାର୍ଯ୍ୟକାରୀତା, ପରିଚାଳନା ଓ ତଦାରଖ ପାଇଁ ଏମଇଆଇଟିୱାଇକୁ ପିଏମୟୁ ଆବଶ୍ୟକୀୟ ସହାୟତା ଯୋଗାଇବ । ସିଏସି-ଏସପିଭି: ପିଏମୟୁ ମୁଖ୍ୟତଃ ନିମ୍ନଲିଖିତ କାର୍ଯ୍ୟ କରିବ:

i. ସଂପୂର୍ଣ୍ଣ ଯୋଜନାର ସାମଗ୍ରିକ ସଂଯୋଜନା, କାର୍ଯ୍ୟକାରିତା ଏବଂ ପରିଚାଳନା

ii. ଉଦ୍ୟୋଗ, ଏନଜିଓ ଆଦି ଅଂଶୀଦାରଙ୍କ ସମେତ ଅନ୍ୟ ବିଭିନ୍ନ ଅଂଶୀଦାର ଯେଉଁମାନେ ପିଏମଜିଦିଶା ଭଳି ସମାନ କାମରେ ସଂଶ୍ଲିଷ୍ଟ ଅଛନ୍ତି ସେମାନଙ୍କ ସହ ସମନ୍ୱୟ ରଖିବା।

iii. ପାଠ୍ୟକ୍ରମ ଶୈଳୀର ବିକାଶ / ପାଠ୍ୟ ସାମଗ୍ରୀ- ଷ୍ଟେକହୋଲଡର ଏବଂ ବିଶେଷଜ୍ଞଙ୍କ ପରାମର୍ଶରେ ବିଭିନ୍ନ ଭାଷାରେ ପ୍ରକରଣ ପ୍ରସ୍ତୁତି।

iv. ଏନଆଇଇଏଲଆଇଟି, ଇଗ୍ନୋ, ଏନଆଇଓଏସ୍ ଆଦି ସ୍ୱୀକୃତିପ୍ରାପ୍ତ ସଂସ୍ଥା ସହ ପରାମର୍ଶ କରି ପ୍ରଶିକ୍ଷଣ ଲାଗି ଭିତ୍ତିଭୂମି, ଗବେଷଣାଗାର, ଶିକ୍ଷକ/ ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ସଂସ୍ଥାର ସ୍ୱୀକୃତି ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା।

v. ଉପଭୋକ୍ତା ଚୟନ, ପଂଜୀକରଣ ଏବଂ ପ୍ରଶିକ୍ଷଣର ତଦାରଖ ପାଇଁ ନିୟମ ପ୍ରସ୍ତୁତ କରିବା।

vi. ପ୍ରମାଣପତ୍ର ପ୍ରଦାନକାରୀ ସଂସ୍ଥା ସହ ପରାମର୍ଶ କରି ପ୍ରମାଣିକରଣ ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତି।

vii. ମୋବାଇଲ ଫୋନ ଜରିଆରେ ଇ-କଣ୍ଟେଣ୍ଟ ପହଞ୍ଚାଇବା।

viii. ଯୋଜନା ସଂପର୍କରେ ସଚେତନତା ପାଇଁ ବିଭିନ୍ନ ଅଂଶୀଦାରଙ୍କ ପାଇଁ କର୍ମଶାଳା, ସମ୍ମିଳନୀ ଏବଂ ଅନ୍ୟ ସଚେତନତା ଅଭିଯାନ କରିବା।

ix. ଆଧାର ପରିଚୟ ପତ୍ର ମାଧ୍ୟମରେ ଉପଯୁକ୍ତ ଯାଞ୍ଚ ଶୈଳୀ ପ୍ରସ୍ତୁତ କରିବା ଯାହାଦ୍ୱାରା ଡବଲ୍ ଆକାଉଣ୍ଟିଂକୁ ଏଡାଇ ହେବ ଏବଂ ସଠିକ୍ ଯାଞ୍ଚ ସୁନିଶ୍ଚିତ ହେବ।

x. ସ୍କିମର ଯାଞ୍ଚ ପାଇଁ ଏକ ନିର୍ଦ୍ଦିଷ୍ଟ ଅବଧିରେ ଏମ୍‌ଇଆଇଟିୱାଇ ଏବଂ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନକୁ ତଥ୍ୟ ଯୋଗାଇ ଦିଆଯିବ।

xi. ଦିଆଯାଇଥିବା ସମୟ ଏବଂ ବଜେଟ୍ ମଧ୍ୟରେ ଦିଆଯାଇଥିବା କାମ ଶେଷ ହେବା ସହ ସବୁ ଜିନିଷ ପହଞ୍ଚିବା ସୁନିଶ୍ଚିତ କରିବା। କୌଣସି ବ୍ୟତିକ୍ରମ ଥିଲେ, ଅନୁମତି ଆଣି ଏମଇଆଇଟିୱାଇ ନିକଟରେ ଦାଖଲ କରିବା ଉଚିତ।

xii. ଆଧାର ଲିଙ୍କ୍ ଥିବା ରେଜିଷ୍ଟ୍ରେସନ ଏବଂ ଉପଭୋକ୍ତାଙ୍କୁ ପରୀକ୍ଷା ପାଇଁ ସଠିକ୍ କୌଶଳ ବାହାର କରିବା।

xiii. ଏମଇଆଇଟିୱାଇର ଅନୁମତି ନେଇ ତୃତୀୟ ପକ୍ଷ ଦ୍ୱାରା ସ୍କିମର ଇମ୍ପାକ୍ଟ ଆସେସମେଣ୍ଟ (ଆଇଇଏସ୍) ଷ୍ଟଡି କରିବା।

xiv. ଓପନ ସୋର୍ସ ଟେକ୍ନାଲୋଜି ବ୍ୟବହାର କରି ସ୍କିମ୍ ପାଇଁ ସେଣ୍ଟ୍ରାଲାଇଜଡ୍ ପୋର୍ଟାଲ ବିକଶିତ କରିବା। ପୋର୍ଟାଲରେ କଣ୍ଟେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ରହିବା ସହ i) ଟ୍ରେନିଂ ପାର୍ଟନର ଏବଂ ସେଣ୍ଟର ଭଳି ଏମପ୍ୟାନେଲମେଣ୍ଟ୍ ପାଇଁ ଅନଲାଇନରେ ତଥ୍ୟ ରଖିବା ii) ଡ୍ୟାସବୋର୍ଡ ଆକ୍‌ସେସ୍ iii) ପ୍ରାର୍ଥୀଙ୍କ ରେଜିଷ୍ଟ୍ରେସନ ଏବଂ ଅପଡେସନ iv) କଣ୍ଟେଣ୍ଟର ସେଣ୍ଟ୍ରାଲ ରେପଜିଟୋରୀ କରିବା v) ଆଧାର ତଥ୍ୟ ଦ୍ୱାରା ଡିଜିଟାଲ୍ ସାକ୍ଷରତାର ଆସେସମେଣ୍ଟ ଏବଂ ସାର୍ଟିଫିକେସନ କରିବା vi) ଡ୍ରିଲ୍ ଡାଉନ୍ ଡାଟା ଆକ୍ସେସ vii) ରିପୋର୍ଟିଂ

xv. 22ଟି ନିର୍ଦ୍ଧାରିତ ଭାଷାରେ ଟ୍ରେନିଂ କଣ୍ଟେଣ୍ଟ୍ ଉପଲବ୍ଧ କରାଇବା ପାଇଁ ମୋବାଇଲ୍ ଆପ୍ର ବିକାଶ କରିବା।

xvi. **ନିମ୍ନ ଲିଖିତ ପ୍ରକ୍ରିୟା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର ଉପଲବ୍ଧ କରାଯିବ:**

- ପିଏମଜିଦିଶା ଅଧୀନରେ ପ୍ରାର୍ଥୀଙ୍କ ପଂଜୀକରଣ ଏବଂ ପ୍ରଶିକ୍ଷଣ ଦେବା
- ପିଏମଜିଦିଶା ଅଧୀନରେ ଟ୍ରେନିଂ ପାର୍ଟନର/ସେଣ୍ଟରର ଏମ୍ପ୍ୟାନେଲମେଣ୍ଟ/ଡିସପ୍ୟାନେଲମେଣ୍ଟ କରିବା।
- ପିଏମଜିଦିଶାରେ ପରୀକ୍ଷା
- ପିଏମଜିଦିଶା ପେମେଣ୍ଟ ପ୍ରୋସେସ୍

xvii. ଏମଇଆଇଟିୱାଇ ସେକ୍ରେଟାରୀଙ୍କ ଅଧ୍ୟକ୍ଷତାରେ ସିଏସସି-ଏସପିଭି ବୋର୍ଡ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଅବଧିରେ କାର୍ଯ୍ୟକାରିତାର ତଦାରଖ କରିବା।

**9.13.3 ରାଜ୍ୟ/ କେନ୍ଦ୍ର ଶାସିତ ସରକାର:**

(i) ପ୍ରମୁଖ ସଚିବ(ଆଇଟି) ନେତୃତ୍ୱରେ ଗଠିତ **ରାଜ୍ୟସ୍ତରୀୟ କମିଟି** କାର୍ଯ୍ୟକାରିତା ପାଇଁ ନୀତି ପ୍ରସ୍ତୁତ କରିବେ। କମିଟିର ସଂରଚନା ଏବଂ ପାଳନୀୟ ସର୍ତ୍ତ **ପାରା-୧ ଅନୁବନ୍ଧ- II** ରେ ଦିଆଯାଇଛି।

(ii) **ଷ୍ଟେଟ୍ ଇଂପ୍ଲିମେଣ୍ଟିଙ୍ଗ୍ ଏଜେନ୍ସି( ଏସଆଇଏ):** ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାର ସେମାନଙ୍କ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବା ପାଇଁ ଏହି ସ୍କିମର ପରିକଳ୍ପନା କରିଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ସଂସ୍ଥାର ଭୂମିକା ନିମ୍ନଲିଖିତ ଅନୁସାରେ ହେବ:

(iii)

i. ସ୍କିମର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଂଚଳ ପକ୍ଷରୁ ସିଏସସି-ଏସପିଭି ଏବଂ ଏସଆଇଏ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହେବ।

ii. ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଉପଲବ୍ଧ ସମ୍ବଳକୁ ବ୍ୟବହାର ପାଇଁ ସିଏସ୍‌ସି-ଏସପିଭିକୁ ପ୍ରୋତ୍ସାହିତ କରିବା।

iii. ଉପଯୁକ୍ତ ପ୍ରାର୍ଥୀ ଚିହ୍ନଟ ଏବଂ ଚୟନ ପାଇଁ ବିଭିନ୍ନ ସଂସ୍ଥା ସହ ସଂପର୍କ ସ୍ଥାପନ କରିବା, କଥାବାର୍ତ୍ତା ଏବଂ ସମନ୍ୱୟ ରକ୍ଷା କରିବା।

iv. ଯୋଜନା ତଦାରଖ ପାଇଁ ରାଜ୍ୟ, ଜିଲ୍ଲା ତଥା ପଂଚାୟତ ସ୍ତରୀୟ କମିଟି ଗଠନ ପାଇଁ ବିଭିନ୍ନ ସରକାରୀ ସଂସ୍ଥା ତଥା ଅଂଶୀଦାରମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ସହ କଥାବାର୍ତ୍ତା ଏବଂ ସମନ୍ୱୟ ରଖିବା।

v. ପଞ୍ଚାୟତରେ ଯୋଜନାର ବାସ୍ତବ କାର୍ଯ୍ୟକାରିତା ପାଇଁ ବିଭିନ୍ନ ପ୍ରଶିକ୍ଷଣ ସଂସ୍ଥା ( ସିଏସସି-ଏସପିଭି ସହ ଆଲୋଚନା କରି) ଚୟନ କରି ସେମାନଙ୍କ ସହ ସମ୍ପର୍କ ସ୍ଥାପନ ଏବଂ ସମନ୍ୱୟ ରକ୍ଷା କରିବା।

vi. ନିକଟସ୍ଥ ଡିଜିଟାଲ୍ ସାକ୍ଷରତା ପ୍ରଶିକ୍ଷଣ ସେଣ୍ଟରକୁ ଯିବାକୁ ପ୍ରାର୍ଥୀମାନଙ୍କୁ ପ୍ରୋତ୍ସାହିତ କରିବା।

(vii) **ବ୍ଲକସ୍ତରରେ କାର୍ଯ୍ୟକାରିତାର** ତଦାରଖ ପାଇଁ ଜିଲ୍ଲାସ୍ତରୀୟ କମିଟିରେ ମାଜିଷ୍ଟ୍ରେଟ୍ କିମ୍ବା ଜିଲ୍ଲାପାଳ ଅଧ୍ୟକ୍ଷତା କରିବେ। କମିଟିକୁ ନେଇ ସଂରଚନା ଏବଂ ସର୍ତ୍ତାବଳୀ **ଅନୁବନ୍ଧ II ର ପାରା II ରେ** ଦିଆଯାଇଛି।

**9.13.4 ପ୍ରମାଣିକରଣ ସଂସ୍ଥାଗୁଡ଼ିକ ଅର୍ଥାତ୍ ଏନଆଇଇଏଲଆଇଟି, ଏନଆଇଓଏସ୍, ଏଚକେସିଏଲ୍, ଆଇସିଟିଏସିଟି,ଏନଆଇଇଏସବିୟୁଡି ଇତ୍ୟାଦି:**

**i.** ଡିଜିଟାଲ ସାକ୍ଷରତା ପ୍ରଶିକ୍ଷଣ ପାଇଁ ଡିଜାଇନ୍, ଡେଭଲେପମେଣ୍ଟ, ଡେଲିଭରି, ଆସେସମେଣ୍ଟ ଏବଂ ସାର୍ଟିଫିକେସନ ଲାଗି ସିଏସପି-ଏସପିଭି ସହ ଆଲୋଚନା କରି ସାଧାରଣ ନିୟମ ଏବଂ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା।

**ii.** ଡିଜିଟାଲ ସାକ୍ଷରତା କ୍ଷେତ୍ରରେ ଉପଭୋକ୍ତା ହାସଲ କରିଥିବା ଦକ୍ଷତାର ମୂଲ୍ୟାୟନ ଏବଂ ସ୍ୱୀକୃତି ଦେବା।

**9.13.5** ସ୍କିମର କାର୍ଯ୍ୟକାରିତା ପାଇଁ ଘରୋଇ ତଥା ସରକାରୀ ସ୍କୁଲ, କଲେଜ୍ ଏବଂ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ପ୍ରଶିକ୍ଷଣରେ ବ୍ୟବହାର ସହ ସକ୍ରିୟ ଅଂଶଗ୍ରହଣ ପାଇଁ ସିଏସି-ଏସପିଭି ପ୍ରଚେଷ୍ଟା କରିବ।

**1.0 ଡିଜିଟାଲ ସାକ୍ଷରତା ପ୍ରଶିକ୍ଷଣ ଏବଂ ପାଠ୍ୟକ୍ରମ ଅବଧି:**

**10.1 ବିଷୟବସ୍ତୁର ବ୍ୟାପକ ବ୍ୟାଖ୍ୟା:**

| **ମଡ୍ୟୁଲ୍ ନାମ** |
|---|
| **ଡିଜିଟାଲ ଡିଭାଇସ୍ ସହ ପରିଚିତି** |
| **ଅପରେଟିଂ ଡିଜିଟାଲ୍ ଡିଭାଇସ୍** |
| **ଇଣ୍ଟରନେଟ୍ ସହ ପରିଚିତି** |
| **ଇଣ୍ଟରନେଟର ବ୍ୟବହାର କରି ଯୋଗାଯୋଗ** |
| **ଇଣ୍ଟରନେଟର ପ୍ରୟୋଗ**<br><br>(ନାଗରିକ-କେନ୍ଦ୍ରିକ ସେବା, କ୍ୟାସଲେସ୍ ଟ୍ରାନ୍‌ଜାକସନ୍ କରିବା ପାଇଁ ଡିଜିଟାଲ୍ ଫାଇନାନ୍ସିଆଲ୍ |

| |
|---|
| ଉପକରଣଗୁଡ଼ିକର ବ୍ୟବହାରକୁ ମିଶାଇ) |
| **ମୋଟ ଅବଧି: 20 ଘଣ୍ଟା** |

## 10.2 ଶିକ୍ଷାର ପରିଣାମ/ ଦକ୍ଷତା ମାନକ:

- ଡିଜିଟାଲ ଡିଭାଇସର ମୌଳିକତା ( ଟର୍ମିନୋଲୋଜି, ନ୍ୟାଭିଗେସନ ଏବଂ ଫଙ୍କସନାଲିଟି) ବୁଝିବା
- ସୂଚନା ପାଇବା, ପରିଚାଳନା ଏବଂ ଅନ୍ୟମାନଙ୍କୁ ଦେବା ପାଇଁ ଡିଜିଟାଲ୍ ଡିଭାଇସ୍ ବ୍ୟବହାର କରିବା
- ଇଣ୍ଟରନେଟ୍‌କୁ ପ୍ରଭାଶାଳୀ ଏବଂ ଦାୟିତ୍ୱଶୀଳ ଢଙ୍ଗରେ ବ୍ୟବହାର କରିବା।
- ପ୍ରଭାବଶାଳୀ ଢଙ୍ଗରେ ଯୋଗାଯୋଗ ପାଇଁ ପ୍ରଯୁକ୍ତିର ବ୍ୟବହାର
- ଡିଜିଟାଲ୍ ଫାଇନାନ୍ସିଆଲ୍ ଟୁଲ୍ ( ୟୁଏସଏସଡି/ ୟୁପିଆଇ / ଇ-ୱ୍ୱାଲେଟ/ ଏଇପିଏସ୍/ କାର୍ଡ / ପିଓଏସ୍)ବ୍ୟବହାର କରି କ୍ୟାସଲେସ୍ ଟ୍ରାନଜକ୍ସନ କରିବା
- ଡିଜିଟାଲ ଲକର୍ ବ୍ୟବହାର
- ଇଣ୍ଟରନେଟ୍ କୈନ୍ଦ୍ରିକ ସେବାର ବ୍ୟବହାର
- ଆମର ଦୈନିକ ଜୀବନ, ସାମାଜିକ ଜୀବନ ଏବଂ କାର୍ଯ୍ୟଶୈଳୀରେ ଡିଜିଟାଲ ଟେକ୍ନୋଲୋଜିର ଭୂମିକାକୁ ପସନ୍ଦ କରିବା

## 10.3 ବିଭିନ୍ନ ଷ୍ଟେକହୋଲଡରମାନଙ୍କ ସହ ଆଲୋଚନା କରି ସିଏସି-ଏସପିଭି ଦ୍ୱାରା ବିଷୟବସ୍ତୁର ସୃଷ୍ଟି, ପରିଚାଳନା, ଏକତ୍ରୀକରଣ କରିଥାଏ।

i. ଡିଜିଟାଲ ସାକ୍ଷରତା ପ୍ରଶିକ୍ଷଣ ଉଦ୍ଦେଶ୍ୟରେ ବିଷୟବସ୍ତୁକୁ ଇଂରାଜୀ ଛଡା ଭାରତର ୨୨ ଭାଷାରେ ଉପଲବ୍ଧ କରାଇବା। ଏଥିପାଇଁ ଏକ ମୋବାଇଲ୍ ଆପ୍ ମଧ୍ୟ ୨୨ଟି ଭାଷାରେ ଉପଲବ୍ଧ ହେବ, ଯାହାଦ୍ୱାରା ପ୍ରଶିକ୍ଷଣ ବିଷୟବସ୍ତୁ ଡାଉନଲୋଡ୍ କରିହେବ ଏବଂ ଆବଶ୍ୟକତା ବେଳେ ପୁନଃବ୍ୟବହାର କରିହେବ।

ii. ପଢି ଏବଂ ଲେଖିପାରୁନଥିବା ବ୍ୟକ୍ତିଙ୍କ ପାଇଁ ସେମାନଙ୍କ ପାଇଁ ଅଡିଓ, ଭିଜୁଆଲ, ଟଚ୍ ବିଷୟବସ୍ତୁ ପ୍ରସ୍ତୁତ କରାଯିବ। ଯେଉଁମାନେ ଲେଖିପଢି ପାରନ୍ତି, ଲିଖିତ,ଅଡିଓ, ଭିଡିଓ ଏବଂ ଆପ୍ଲିକେସନରେ ସେମାନଙ୍କ ପାଇଁ ବିଷୟବସ୍ତୁ ଉପଲବ୍ଧ ହେବ। ସ୍ଥାନୀୟ ସମ୍ବଳ ବ୍ୟବହାର କରି ନିର୍ଦ୍ଦିଷ୍ଟ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ବିଷୟବସ୍ତୁ ପ୍ରସ୍ତୁତ କରିବା ଦିଗରେ ପ୍ରୟାସ ରହିବ।

iii. **ନିମ୍ନଲିଖିତ ନାଗରିକ କେନ୍ଦ୍ରିକ ଯୋଜନା ପାଠ୍ୟକ୍ରମର ଅଂଶବିଶେଷ**

iv.

- ଜି୨ସି ସର୍ଭିସ- ଜାତିଗତ ପ୍ରମାଣପତ୍ର, ଅଧିବାସ ପ୍ରମାଣପତ୍ର, ଆୟକର ପ୍ରମାଣପତ୍ର
- ୟୁଆଇଡିଏଆଇ ସର୍ଭିସ
- ବ୍ୟାଙ୍କ ସେବା
- ଆଇଆରସିଟିସି- ରେଳବାଇ ସଂରକ୍ଷଣ
- ବୀମା
- ଟେଲିଫୋନ / ଡାଟା କାର୍ଡ ରିଚାର୍ଜ
- ଭୋଟ ପରିଚୟ ପତ୍ର ପ୍ରିଣ୍ଟିଂ
- ଇଲେକ୍ଟ୍ରିସିଟି- ବିଲ୍ ପେମେଣ୍ଟ
- ପ୍ୟାନ କାର୍ଡ
- ପାସପୋର୍ଟ

v. ଯେହେତୁ ସରକାର କ୍ୟାସଲେସ୍ ଟ୍ରାନଜାକ୍ସନକୁ ମୋବାଇଲ ଫୋନ ଦ୍ୱାରା ପ୍ରୋତ୍ସାହନ ଦେଉଛନ୍ତି, ପାଠ୍ୟକ୍ରମର ବିଷୟବସ୍ତୁରେ ଡିଜିଟାଲ୍ ୱାଲେଟ୍, ମୋବାଇଲ୍ ବ୍ୟାଙ୍କିଂ, ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ(ୟୁପିଆଇ), ଅନଷ୍ଟ୍ରକଚରର୍ଡ ସପ୍ଲିମେଣ୍ଟାରୀ ସର୍ଭିସ ଡାଟା(ୟୁଏସଏସଡି) ଏବଂ ଆଧାର ଏନାବଲଡ୍ ପେମେଣ୍ଟ ସିଷ୍ଟମ(ଏଇପିଏସ୍),ପିଓଏସକୁ ଗୁରୁତ୍ୱ ଦିଆଯାଇଛି।

vi. ଉପଭୋକ୍ତା ଏବଂ ପ୍ରଶିକ୍ଷକଙ୍କ ସଠିକ୍ ଫିଡବ୍ୟାକ୍ ବିଷୟବସ୍ତୁକୁ ଆହୁରୁ ସମୃଦ୍ଧ କରିବା ସହ ଆବଶ୍ୟକସ୍ଥଳେ ଉପଭୋକ୍ତାଙ୍କ ପାଇଁ ଏଥିରେ ସଂଶୋଧନ କରାଯିବ।

vii. ଡିଜିଟାଲ ଆକ୍ସେସ୍ ଡିଭାଇସ୍( କଂପ୍ୟୁଟର, ଟାବଲେଟ୍) କୁ ବିଭିନ୍ନ ଆପ୍ଲିକେସନରେ ନ୍ୟାଭିଗେଟ୍ କରିବା ପାଇଁ ଯେମିତିକି ଇଣ୍ଟରନେଟ୍ ବ୍ରାଉଜର ଓପନ କରିବା, ତଥ୍ୟ ପାଇଁ ବ୍ରାଉଜ୍ କରିବା, ସୂଚନା ପାଇଁ ଅନୁସନ୍ଧାନ, ଅଡିଓ ଶୁଣିବା ଏବଂ ଭିଡିଓ ଦେଖିବା ଲାଗି ଗୁରୁତ୍ୱ ଦିଆଯିବ।

viii. ବିଭିନ୍ନ ସଂସ୍ଥା ଦ୍ୱାରା ଅନ୍ୟ ଡିଜିଟାଲ୍ ସାକ୍ଷରତା ପାଠ୍ୟକ୍ରମକୁ ଡିଜିଟାଲ ଲିଟେରାସି ଟ୍ରେନିଂର ଅଂଶବିଶେଷ ବୋଲି ବିଚାରକୁ ନିଆଯିବ।

ix. ଏନଆଇଏଲଆଇଟି, ଇଗ୍ନୋ, ନିଓସ, ୟୁନେସ୍କୋ, ଡିଇଏଫ୍, ଆଇଟି, ଆଇଆଇଏମସି, ଇନଟେଲ୍, ନାସକମ୍, ଏନଆଇଆଇଟି, ପିଏମଜିଦିସାର ସଦସ୍ୟଙ୍କୁ ନେଇ ସିଏସସି-ଏସପିଭି ଦ୍ୱାରା ଗଠିତ ଟେକ୍ନିକାଲ୍ କମିଟି ବିଷୟବସ୍ତୁ ସ୍ଥିର କରିବ। ସିଏସସି-ଏସପିଭି ଦ୍ୱାରା ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବିଭିନ୍ନ ଭାଷାରେ ଉପାଦେୟ ବିଷୟବସ୍ତୁ ପ୍ରସ୍ତୁତ ହେବ।

## 11.0 ଆର୍ଥିକ ସହାୟତା

**11.1** ଟ୍ରେନିଂ ଫି- ପ୍ରାର୍ଥୀ ସଫଳତାର ସହ ପ୍ରଶିକ୍ଷଣ ନେବା ପରେ ସିଏସସି-ଏସପିଭି ଜରିଆରେ ପ୍ରତି ପ୍ରାର୍ଥୀଙ୍କ ଠାରୁ ୩୦୦ ଟଙ୍କା ଲେଖାଏଁ ଟ୍ରେନିଂ ଫି ସିଧାସଳଖ ସମ୍ପୃକ୍ତ ପ୍ରଶିକ୍ଷଣ ସହଯୋଗୀ କିମ୍ବା ସେଣ୍ଟରକୁ ଯିବ।

ଡିଇଜିଏସ ଠାରୁ ଫିଡବ୍ୟାକ୍ କିମ୍ବା ଇନପୁଟ୍ ସହ ଯେଉଁ ସଫଳତା ହାସଲ ହୋଇଥାଏ ସେହି ଆଧାରରେ ଉପରିସ୍ଥ ସଂସ୍ଥା ପାଇଁ ପେମେଣ୍ଟ ରିଲିଜ୍ ହୋଇଥାଏ। ଏହା ନିଜର ଇ-ମେଲ୍ ଆକାଉଣ୍ଟ ସୃଷ୍ଟି କରିବା ହୋଇପାରେ, ଡିଜିଟାଲ ଲକର୍ ଖୋଲିବା, ରେଳ ଟିକେଟ୍ ବୁକିଂ, ଇ-ପେମେଣ୍ଟ ଅଫ୍ ଇଲେକ୍ଟ୍ରିସିଟି ଏବଂ ୱାଟର ବିଲ୍, ପାସପୋର୍ଟ ପାଇଁ ଅନଲାଇନ୍ ଆବେଦନ, ଡିଜିଟାଲ୍ ପେମେଣ୍ଟ କରିବା କିମ୍ବା ଟ୍ରେନି ମାନଙ୍କ ଦ୍ୱାରା ଇ-କେୱାଇସି, ଜି୨ସି ସର୍ଭିସ ଆକ୍ସେସ କରିବା ଯେମିତି କି ପ୍ୟାନ କାର୍ଡ ପାଇଁ ଆବେଦନ, ମୋବାଇଲ୍ ରିଚାର୍ଜ,ଏବଂ ଏଇପିଏସ୍/ ୟୁଏସଏସଡି/ ୟୁପିଆଇ/ଇୱାଲେଟ୍ ଇତ୍ୟାଦି।

**11.2** ପରୀକ୍ଷା ଫି/ ସାର୍ଟିଫିକେସନ ଖର୍ଚ୍ଚ: ପରୀକ୍ଷା ଫି ପ୍ରତିପ୍ରାର୍ଥୀଙ୍କ ପିଛା ୭୦ଟଙ୍କା। ଏହି ଫି ସିଧାସଳଖ ପଂଜୀକୃତ ସ୍ୱୀକୃତିପ୍ରାପ୍ତ ସଂସ୍ଥାକୁ ଯିବ, ଯିଏକି ପ୍ରାର୍ଥୀଙ୍କୁ ମୂଲ୍ୟାଙ୍କନ ଓ ସାର୍ଟିଫିକେଟ୍ ଦେଇଥାଏ।

**11.3** ରାଜ୍ୟ ଏବଂ କେନ୍ଦ୍ରଶାସିକ ଅଂଚଳକୁ ଆର୍ଥିକ ସହାୟତା: ରାଜ୍ୟର କାର୍ଯ୍ୟକାରୀ ସଂସ୍ଥା ଯୋଜନାର ତଦାରଖ ଏବଂ ପରୋକ୍ଷ ଖର୍ଚ୍ଚ ଉଠାଇବା ପାଇଁ ଆର୍ଥିକ ସାହାଯ୍ୟ ପାଇବାକୁ ହକଦାର, ଏଥିପାଇଁ ସିଏସି-ଏସପିଭି ଦ୍ୱାରା ପ୍ରତି ପ୍ରାର୍ଥୀଙ୍କ ଠାରୁ 2 ଟଙ୍କା ନିଆଯିବ।

**12** **ଇମ୍ପାକ୍ଟ ଆସେସମେଣ୍ଟ ଷ୍ଟଡି:** ଇମ୍ପାକ୍ଟ ଆସେସମେଣ୍ଟ ଷ୍ଟଡି ଏକ ତୃତୀୟପକ୍ଷ ସ୍ୱାଧୀନ ସଂସ୍ଥା ଦ୍ୱାରା କରାଯିବ। ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରାଳୟ ଦ୍ୱାରା ଉପଯୁକ୍ତ ଅନୁଷ୍ଠାନ ଏବଂ ସଂସ୍ଥା ନିଯୁକ୍ତ କରାଯିବ।

**13.** ସ୍କିମର ସୋସିଆଲ୍ ଅଡିଟିଂ ପାଇଁ ସ୍କୁଲ ଅଧକ୍ଷ, ଶିକ୍ଷାବିତ୍ ଯେଉଁମାନେ କି ରାଜ୍ୟ, ଜିଲ୍ଲା, ବ୍ଲକ ଏବଂ ଗ୍ରାମପଞ୍ଚାୟତସ୍ତରରେ ପ୍ରତିନିଧିତ୍ୱ କରିଥିବେ ସେମାନଙ୍କ ସହଯୋଗରେ ସିଏସସି-ଏସପିଭି କାମ କରିବ। ବିଭିନ୍ନ ବିଶ୍ୱବିଦ୍ୟାଳୟ, କଲେଜ୍ ସହ ସିଏସପି-ଏସପିଭି ସଂପର୍କ ସ୍ଥାପନା କରି ନିର୍ଦ୍ଦିଷ୍ଟ ଅବଧିରେ ସ୍କିମର ସାମାଜିକ ଦୃଷ୍ଟିକୋଣରୁ ମୂଲ୍ୟାଙ୍କନ କରିବ।

**14.** ଯୋଜନା ଅଧୀନରେ 6 କୋଟି ହିତାଧିକାରୀ ଲାଭାନ୍ୱିତ ହେବେ। ଯାହା ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରାଳୟ, ରାଜ୍ୟ ସ୍କିଲ ଡେଭଲେପମେଣ୍ଟ ମିସନ, ସେକ୍ଟର ସ୍କିଲ୍ କାଉନସିଲ୍ ସହ ସଂପର୍କ ରକ୍ଷା କରିବା ସହ ବାକି ସ୍କିମ ଗୁଡିକ ସେମାନଙ୍କ ଦ୍ୱାରା କାର୍ଯ୍ୟକରିବା ସହ ଦେଶରେ ଇକୋ-ସିଷ୍ଟମ ବଜାୟ ରଖିବା ଲାଗି ପ୍ରଚେଷ୍ଟା କରିବ।

### ଅନୁବନ୍ଧ-୧

ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ସାଂକେତିକ ଡିଜିଟାଲ ସାକ୍ଷରତା ଲକ୍ଷ୍ୟ

| କ୍ରମିକ ସଂଖ୍ୟା | ରାଜ୍ୟ/କେନ୍ଦ୍ରସାଶିତ ଅଂଚଳ | ଲକ୍ଷ୍ୟ |
|---|---|---|
| 1 | ଉତ୍ତରପ୍ରଦେଶ | 11171000 |
| 2 | ବିହାର | 6630000 |
| 3 | ପଶ୍ଚିମବଙ୍ଗ | 4481000 |
| 4 | ମହାରାଷ୍ଟ୍ର | 4433000 |
| 5 | ମଧ୍ୟପ୍ରଦେଶ | 3784000 |
| 6 | ରାଜସ୍ଥାନ | 3712000 |
| 7 | କର୍ଣ୍ଣାଟକ | 2705000 |
| 8 | ତାମିଲନାଡୁ | 2679000 |
| 9 | ଓଡିଶା | 2517000 |
| 10 | ଗୁଜରାଟ | 2497000 |
| 11 | ଆନ୍ଧ୍ରପ୍ରଦେଶ | 2028000 |
| 12 | ତେଲେଙ୍ଗାନା | 2028000 |
| 13 | ଆସାମ | 1929000 |
| 14 | ଝାଡଖଣ୍ଡ | 1803000 |
| 15 | ଛତିଶଗଡ | 1412000 |
| 16 | କେରଳ | 1257000 |
| 17 | ପଂଜାବ | 1247000 |
| 18 | ହରିୟାଣା | 1191000 |
| 19 | ଜାମ୍ମୁ ଓ କାଶ୍ମୀର | 658000 |
| 20 | ଉତ୍ତରାଖଣ୍ଡ | 506000 |
| 21 | ହିମାଚଳ ପ୍ରଦେଶ | 444000 |
| 22 | ତ୍ରିପୁରା | 195000 |
| 23 | ମେଘାଳୟ | 171000 |
| 24 | ମଣିପୁର | 137000 |
| 25 | ନାଗାଲାଣ୍ଡ | 101000 |
| 26 | ଅରୁଣାଚଳ ପ୍ରଦେଶ | 77000 |
| 27 | ଗୋଆ | 40000 |
| 28 | ମିଜୋରାମ | 38000 |
| 29 | ସିକିମ୍ | 33000 |
| 30 | କେନ୍ଦ୍ର ଶାସିତ ଅଂଚଳ ଦିଲ୍ଲୀ | 30000 |
| 31 | ପୁଡୁଚେରୀ | 28000 |
| 32 | ଆଣ୍ଡାମାନ ଏବଂ ନିକୋବର ଦ୍ୱୀପ | 18000 |
| 33 | | 13000 |

| | | |
|---|---|---|
| | ଦାଦରା ଏବଂ ନଗର ହାଭେଲି | |
| 34 | ଡାମନ୍ ଏବଂ ଡିଉ | 4000 |
| 35 | ଚଣ୍ଡୀଗଡ଼ | 2000 |
| 36 | ଲାକ୍ଷାଦ୍ୱୀପ | 1000 |
| | ମୋଟ | **60000000** |

**ବିଶେଷ ଦ୍ରଷ୍ଟବ୍ୟ: ପ୍ରଦର୍ଶନ ଭିତ୍ତିରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗୁଡିକର ଟାର୍ଗେଟ ପରିବର୍ତ୍ତନ ହୋଇପାରେ।**

ସହର ପରିସରରେ ଅଂଚଳଗୁଡ଼ିକୁ ଯୋଜନାରେ ସାମିଲ୍ କରାଯାଇ ନାହିଁ । (ତାଲିକା ସଂଲଗ୍ନ)

**ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନ ଥବା ସହରଗୁଡ଼ିକର ତାଲିକା**

| କ୍ରମିକ ସଂଖ୍ୟା | ରାଜ୍ୟର ନାମ | ସହର ନାମ | ସହରର ଜନସଂଖ୍ୟା (2011 ଭାରତର ଜନଗଣନା ଅନୁସାରେ) |
|---|---|---|---|
| 1 | ମହାରାଷ୍ଟ୍ର | ଗ୍ରେଟର ମୁମ୍ବାଇ( ମ୍ୟୁନିସିପାଲିଟି କର୍ପୋରେସନ୍) | 1,24,78,447 |
| 2 | ଏନସିଟି ଅଫ୍ ଦିଲ୍ଲୀ | ଏମସି(ୟୁ) ( ମ୍ୟୁନିସିପାଲିଟି କର୍ପୋରେସନ୍) | 1,10,07,835 |
| 3 | କର୍ଣ୍ଣାଟକ | ବୃହତ ବେଙ୍ଗଲୁରୁ ମହାନଗର ପାଳିକା (ବିବିଏମପ)( ମ୍ୟୁନିସିପାଲିଟି କର୍ପୋରେସନ୍) | 84,25,970 |
| 4 | ଆନ୍ଧ୍ରପ୍ରଦେଶ | ଗ୍ରେଟର ହାଇଦ୍ରାବାଦ ( ମ୍ୟୁନିସିପାଲିଟି କର୍ପୋରେସନ୍) | 68,09,970 |
| 5 | ଗୁଜରାଟ୍ | ଅହମ୍ମଦାବାଦ ( ମ୍ୟୁନିସିପାଲିଟି କର୍ପୋରେସନ୍) | 55,70,585 |
| 6 | ତାମିଲନାଡୁ | ଚେନ୍ନାଇ ( ମ୍ୟୁନିସିପାଲିଟି କର୍ପୋରେସନ୍) | 46,81,087 |
| 7 | ପଶ୍ଚିମବଙ୍ଗ | କୋଲକାତା( ମ୍ୟୁନିସିପାଲିଟି କର୍ପୋରେସନ୍) | 44,86,679 |
| 8 | ଗୁଜରାଟ | ସୁରତ ( ମ୍ୟୁନିସିପାଲିଟି କର୍ପୋରେସନ୍) | 44,62,002 |
| 9 | ମହାରାଷ୍ଟ୍ର | ପୁଣେ ( ମ୍ୟୁନିସିପାଲିଟି କର୍ପୋରେସନ୍) | 31,15,431 |
| 10 | ରାଜସ୍ଥାନ | ଜୟପୁର( ମ୍ୟୁନିସିପାଲିଟି କର୍ପୋରେସନ୍) | 30,73,350 |
| 11 | ଉତ୍ତରପ୍ରଦେଶ | ଲକ୍ଷ୍ନୌ( ମ୍ୟୁନିସିପାଲିଟି କର୍ପୋରେସନ୍) | 28,15,601 |
| 12 | ଉତ୍ତରପ୍ରଦେଶ | କାନପୁର ( ମ୍ୟୁନିସିପାଲିଟି କର୍ପୋରେସନ୍) | 27,67,031 |
| 13 | ମହାରାଷ୍ଟ୍ର | ନାଗପୁର ( ମ୍ୟୁନିସିପାଲିଟି କର୍ପୋରେସନ୍) | 24,05,421 |
| 14 | ମଧ୍ୟପ୍ରଦେଶ | ଇନ୍ଦୋର ( ମ୍ୟୁନିସିପାଲିଟି କର୍ପୋରେସନ୍) | 19,60,631 |
| 15 | ମହାରାଷ୍ଟ୍ର | ଥାଣେ ( ମ୍ୟୁନିସିପାଲିଟି କର୍ପୋରେସନ୍) | 18,18,872 |

| | | | |
|---|---|---|---|
| 16 | ମଧ୍ୟପ୍ରଦେଶ | ଭୋପାଳ ( ମ୍ୟୁନିସିପାଲିଟି କର୍ପାରେସନ୍) | 17,95,648 |
| 17 | ଆନ୍ଧ୍ରପ୍ରଦେଶ | ଗ୍ରେଟର ବିଶାଖପାଟନମ୍ ମୁନିସିପାଲ୍ କର୍ପୋରେସନ (ଏମସି) | 17,30,320 |
| 18 | ମହାରାଷ୍ଟ୍ର | ପିମ୍ପରି-ଚିନୱାଡ ( ମ୍ୟୁନିସିପାଲିଟି କର୍ପାରେସନ୍) | 17,29,359 |
| 19 | ବିହାର | ପାଟଣା ( ମ୍ୟୁନିସିପାଲିଟି କର୍ପାରେସନ୍) | 16,83,200 |
| 20 | ଗୁଜରାଟ | ବରୋଦା ( ମ୍ୟୁନିସିପାଲିଟି କର୍ପାରେସନ୍) | 16,66,703 |
| 21 | ପଂଜାବ | ଲୁଧିଆନା ( ମ୍ୟୁନିସିପାଲିଟି କର୍ପାରେସନ୍) | 16,13,878 |
| 22 | ଉରପ୍ରଦେଶ | ଆଗ୍ରା ( ମ୍ୟୁନିସିପାଲିଟି କର୍ପାରେସନ୍) | 15,74,542 |
| 23 | ମହାରାଷ୍ଟ୍ର | ନାସିକ ( ମ୍ୟୁନିସିପାଲିଟି କର୍ପାରେସନ୍) | 14,86,973 |
| 24 | ହରିୟାଣା | ଫରିଦାବାଦ ( ମ୍ୟୁନିସିପାଲିଟି କର୍ପାରେସନ୍) | 14,04,653 |
| 25 | ଉତ୍ତରପ୍ରଦେଶ | ମିରଟ୍ ( ମ୍ୟୁନିସିପାଲିଟି କର୍ପାରେସନ୍) | 13,09,023 |
| 26 | ଗୁଜରାଟ | ରାଜକୋଟ୍ ( ମ୍ୟୁନିସିପାଲିଟି କର୍ପାରେସନ୍) | 12,86,995 |
| 27 | ମହାରାଷ୍ଟ୍ର | କଲ୍ୟାଣ-ଡୋମବିଭ୍ୟାଲି ( ମ୍ୟୁନିସିପାଲିଟି କର୍ପାରେସନ୍) | 12,46,381 |
| 28 | ମହାରାଷ୍ଟ୍ର | ବସାଇ ବିରାର ସିଟି ( ମ୍ୟୁନିସିପାଲିଟି କର୍ପାରେସନ୍) | 12,21,233 |
| 29 | ଉତ୍ତରପ୍ରଦେଶ | ବାରାଣସୀ ( ମ୍ୟୁନିସିପାଲିଟି କର୍ପାରେସନ୍) | 12,01,815 |
| 30 | ଜାମ୍ମୁ ଓ କାଶ୍ମୀର | ଶ୍ରୀନଗର ( ମ୍ୟୁନିସିପାଲିଟି କର୍ପାରେସନ୍) | 11,92,792 |
| 31 | ମହାରାଷ୍ଟ୍ର | ଔରଙ୍ଗାବାଦ ( ମ୍ୟୁନିସିପାଲିଟି କର୍ପାରେସନ୍) | 11,71,330 |
| 32 | ଝାଡଖଣ୍ଡ | ଧାନବାଦ ( ମ୍ୟୁନିସିପାଲିଟି କର୍ପାରେସନ୍) | 11,61,561 |
| 33 | ପଂଜାବ | ଅମ୍ରିତସର ( ମ୍ୟୁନିସିପାଲିଟି କର୍ପାରେସନ୍) | 11,32,761 |
| 34 | ମହାରାଷ୍ଟ୍ର | ନଭି ମୁମ୍ବାଇ ( ମ୍ୟୁନିସିପାଲିଟି କର୍ପାରେସନ୍) | 11,19,477 |
| 35 | ଉତ୍ତରପ୍ରଦେଶ | ଆହ୍ଲାବାଦ ( ମ୍ୟୁନିସିପାଲିଟି କର୍ପାରେସନ୍) | 11,17,094 |
| 36 | ଝାଡଖଣ୍ଡ | ରାଞ୍ଚି ( ମ୍ୟୁନିସିପାଲିଟି କର୍ପାରେସନ୍) | 10,73,440 |
| 37 | ପଶ୍ଚିମବଙ୍ଗ | ହାୱଡ଼ା ( ମ୍ୟୁନିସିପାଲିଟି କର୍ପାରେସନ୍) | 10,72,161 |
| 38 | ତାମିଲନାଡୁ | କୋଏମ୍ବାଟୁର ( ମ୍ୟୁନିସିପାଲିଟି କର୍ପାରେସନ୍) | 10,61,447 |
| 39 | ମଧ୍ୟପ୍ରଦେଶ | ଜବଲପୁର ( ମ୍ୟୁନିସିପାଲିଟି କର୍ପାରେସନ୍) | 10,54,336 |
| 40 | ମଧ୍ୟପ୍ରଦେଶ | ଗୋୱାଲିଅର ( ମ୍ୟୁନିସିପାଲିଟି କର୍ପାରେସନ୍) | 10,53,505 |
| 41 | ଆନ୍ଧ୍ରପ୍ରଦେଶ | ବିଜୟୱାଡ଼ା ( ମ୍ୟୁନିସିପାଲିଟି କର୍ପାରେସନ୍) | 10,48,240 |

| | | | |
|---|---|---|---|
| 42 | ରାଜସ୍ଥାନ | ଜୋଧପୁର ( ମ୍ୟୁନିସିପାଲିଟି କର୍ପୋରେସନ୍) | 10,33,918 |
| 43 | ତାମିଲାନାଡୁ | ମଦୁରାଇ ( ମ୍ୟୁନିସିପାଲିଟି କର୍ପୋରେସନ୍) | 10,16,885 |
| 44 | ଛତିଶଗଡ | ରାୟପୁର ( ମ୍ୟୁନିସିପାଲିଟି କର୍ପୋରେସନ୍) | 10,10,087 |
| 45 | ରାଜସ୍ଥାନ | କୋଟା ( ମ୍ୟୁନିସିପାଲିଟି କର୍ପୋରେସନ୍) | 10,01,365 |
| 46 | ଆସାମ | ଗୁହାଆଟି ( ମ୍ୟୁନିସିପାଲିଟି କର୍ପୋରେସନ୍) | 9,63,429 |
| 47 | ଚଣ୍ଡିଗଡ | ଚଣ୍ଡିଗଡ଼ ( ମ୍ୟୁନିସିପାଲିଟି କର୍ପୋରେସନ୍) | 9,60,787 |
| | | ସୋଲାପୁର( ମ୍ୟୁନିସିପାଲିଟି କର୍ପୋରେସନ୍) | 9,51,118 |
| 49 | କର୍ଣ୍ଣାଟକ | ହୁବଲି-ଧରୱାଡ୍ ( ମ୍ୟୁନିସିପାଲିଟି କର୍ପୋରେସନ୍) | 9,43,857 |
| 50 | ଉତ୍ତରପ୍ରଦେଶ | ବରେଲି ( ମ୍ୟୁନିସିପାଲିଟି କର୍ପୋରେସନ୍) | 8,98,167 |

## ଅନୁବନ୍ଧ -II

### ପିଏମଜିଦିଶା ସ୍କିମ ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକ କମିଟି ଗଠନ କରିବେ

**I.** ରାଜ୍ୟସ୍ତରୀୟ କମିଟି- ( ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା କେନ୍ଦ୍ରଶାସିତ ଅଂଚଳର ପ୍ରଶାସକଙ୍କ ଦ୍ୱାରା ଗଠନ କରାଯିବ)

<u>ସଂରଚନା</u>

**ଅଧ୍ୟକ୍ଷ- ପ୍ରମୁଖ ସଚିବ(ଆଇଟି)**

**ସଭ୍ୟମାନେ:**

1. **ମୌଳିକ ଶିକ୍ଷା ବିଭାଗର ପ୍ରତିନିଧ**
2. **ପଞ୍ଚାୟତିରାଜ ବିଭାଗର ପ୍ରତିନିଧି**
3. **ସମାଜ ମଙ୍ଗଳ ବିଭାଗର ପ୍ରତିନିଧି**
4. **ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟର ପ୍ରତିନିଧି**
5. **ଷ୍ଟେଟ୍ ଇମ୍ପ୍ଲିମେଣ୍ଟିଂ ଏଜେନ୍ସି(ଏସଆଇଏ)ର ପ୍ରତିନିଧି**
6. **ରାଜ୍ୟ ସୂଚନା ଅଧିକାରୀ –ଏସଆଇଓ, ଏନଆଇସି**
7. **ସିଏସି-ଏସପିଭିର ପ୍ରତିନିଧି**
8. **ସ୍ୱତନ୍ତ୍ର ସଚିବ(ଆଇଟି)/ ଯୁଗ୍ମ ସଚିବ(ଆଇଟି)- ମେମ୍ବର ସେକ୍ରେଟାରୀ**

- ଚେୟାରମ୍ୟାନଙ୍କ ଅନୁମତି ନେଇ କମିଟି ଚାହିଁଲେ ତାର କୌଣସି ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ଯେ କୌଣସି ବ୍ୟକ୍ତିବିଶେଷଙ୍କୁ ଚୟନ କରିପାରିବ।

<u>ସର୍ତ୍ତାବଳୀ</u>

- **ନିମ୍ନଲିଖିତ ସର୍ତ୍ତାବଳୀଗୁଡ଼ିକୁ କମିଟି ପାଳନ କରିବାକୁ ପଡିବ:**
  - ରାଜ୍ୟରେ ପିଏମସିଦିଶା ସ୍କିମର ନିୟମିତ ଯାଞ୍ଚ ସହ ସଠିକ କାର୍ଯ୍ୟକାରିତା
  - ରାଜ୍ୟରେ ସ୍କିମ କାର୍ଯ୍ୟକାରିତାରେ ନିୟୋଜିତ ଟ୍ରେନିଂ ସେଣ୍ଟର ଏବଂ ପାର୍ଟନର ମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ସେମାନେ ଉଠାଇଥିବା ସମସ୍ୟାର ସମାଧାନ

- ରାଜ୍ୟର କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସହ ଜଡିତ ଅନ୍ୟ କୌଣସି ସମସ୍ୟା

- ଦୁଇ ମାସରେ ଥରେ କମିଟି ବୈଠକ ବସିବ।

**II.** ଜିଲ୍ଲାସ୍ତରୀୟ କମିଟି (ସଂପୃକ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଦ୍ୱାରା ସ୍ଥାପନ କରାଯିବ)

<u>ସଂରଚନା</u>

**ଅଧ୍ୟକ୍ଷ- ଜିଲ୍ଲା ମାଜିଷ୍ଟ୍ରେଟ୍/ ଜିଲ୍ଲାପାଳ**

**ସଦସ୍ୟ:**

1. ପ୍ରାଥମିକ ଶିକ୍ଷା ବିଭାଗର ପ୍ରତିନିଧି
2. ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟର ପ୍ରତିନିଧି
3. ଷ୍ଟେଟ୍ ଇମ୍ପ୍ଲିମେଣ୍ଟିଂ ଏଜେନ୍ସି(ଏସଆଇଏ)ର ପ୍ରତିନିଧି
4. ଜିଲ୍ଲା ଇ-ଗଭର୍ଣ୍ଣାନ୍ସର ସୋସାଇଟିର ପ୍ରତିନିଧି
5. ଜିଲ୍ଲା ସୂଚନା ଅଧିକାରୀ(ଡିଆଇଓ)-ଏନଆଇସି
6. ବ୍ଲକ ଉନ୍ନୟନ ଅଧିକାରୀ
7. ସିଇଓ- ଜିଲ୍ଲା ପଂଚାୟତ
8. ଜିଲ୍ଲା ସଂଯୋଜକ, ସିଏସି-ଏସପିଭି- ମେମ୍ବର ସେକ୍ରେଟାରୀ

- ଚେୟାରମ୍ୟାନଙ୍କ ଅନୁମତି ନେଇ କମିଟି ଚାହିଁଲେ ତାର କୌଣସି ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ଯେ କୌଣସି ବ୍ୟକ୍ତିବିଶେଷଙ୍କୁ ଚୟନ କରିପାରିବ।

<u>ସର୍ତ୍ତାବଳୀ</u>

- **ନିମ୍ନଲିଖିତ ସର୍ତ୍ତାବଳୀକୁ କମିଟି ପାଳନ କରିବାକୁ ପଡିବ:**
  - ତୃଣମୂଳସ୍ତରରେ ଯୋଜନାର କାର୍ଯ୍ୟକାରିତାର ତଦାରଖ କରିବା
  - ଜିଲ୍ଲା କିମ୍ବା ବ୍ଲକ ସ୍ତରରେ ସ୍କିମର କାର୍ଯ୍ୟକାରିତାରେ ସମ୍ପୃକ୍ତ ଟ୍ରେନିଂ ସେଣ୍ଟର ଓ ପାର୍ଟନର ମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଉଥିଲେ ଏଥିପାଇଁ କମିଟି ପଦକ୍ଷେପ ନେବ।
  - ଜିଲ୍ଲା ଓ ବ୍ଲକରେ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ବନ୍ଧୀୟ ଅନ୍ୟ କୌଣସି ସମସ୍ୟା ସମାଧାନ ପାଇଁ କାର୍ଯ୍ୟ କରିବ।
  - ଅତି କମରେ ମାସକୁ ଥରେ ଜିଲ୍ଲାସ୍ତରୀୟ କମିଟି ବୈଠକ ବସିବ